ଯେତେବେଳେ ଯୁଦ୍ଧ ହୁଏ, ମାନବତା କ୍ରନ୍ଦନ କରେ। ଅନ୍ତର୍ଜାତୀୟ କାନୁନକୁ କେହି ମାନୁନାହାନ୍ତି। ଗାଜାବାସୀ କହୁଛନ୍ତି – 'ଆମେ ପଶୁନୋହୁଁ, ମଣିଷ।' ଆମ ମାତୃଭୂମି ରକ୍ଷାପାଇଁ ମରିଯିବୁ ପଛେ ମୁଣ୍ଡ ନୁଆଁଇବୁ ନାହିଁ। ଗାଜାବାସୀ ଏଭଳି ଏକ ଭୂଗୋଳରେ ବାସ କରୁଛନ୍ତି– ସେଠାରୁ ଅନ୍ୟତ୍ର ବାସକରିବା ଅସମ୍ଭବ। ଆମେରିକା, ଇସ୍ରାଏଲ୍, ଫ୍ରାନ୍ସ, ବ୍ରିଟିଶ୍, ରୁଷିଆ, ଚାଇନା ପ୍ରମୁଖ ଦେଶ ବିଶ୍ୱର ଅନ୍ୟାନ୍ୟ ଦେଶକୁ ଯୁଦ୍ଧାସ୍ତ୍ର ବିକ୍ରି କରନ୍ତି। ଯୁଦ୍ଧାସ୍ତ୍ର ବେପାରରୁ ଏମାନେ ନାହିଁନଥିବା ଅର୍ଥ ଲାଭକରନ୍ତି। ତେଣୁ ଏମାନେ ଯୋଜନାବଦ୍ଧ ଭାବେ ଦେଶେଦେଶେ ଯୁଦ୍ଧ ଲଗେଇଦିଅନ୍ତି। ଯୁଦ୍ଧରେ ଯୁଦ୍ଧାସ୍ତ୍ର ନଷ୍ଟ ହୁଏ। ପୁଣି ନୂଆ ଯୁଦ୍ଧାସ୍ତ୍ର କିଣିବାକୁ ବହୁଦେଶ ସାଧାରଣ ନାଗରିକଙ୍କ ଟିକସ ଟଙ୍କାରେ ରାଜକୋଷରୁ ସିଂହଭାଗ ଖର୍ଚ୍ଚ କରନ୍ତି।

ଛକାପଞ୍ଝାରେ ଛଳ ବେପାରୀଙ୍କ ଏ ଯୁଦ୍ଧ ଲାଭଜନକ ବ୍ୟବସାୟ। ଯେଉଁମାନେ ଉଭୟ ପକ୍ଷକୁ ଯୁଦ୍ଧାସ୍ତ୍ର ବିକ୍ରି କରନ୍ତି– ଯୁଦ୍ଧରେ କିଏ ଜିତିଲା କିଏ ହାରିଲା ଯୁଦ୍ଧ ବେପାରୀଙ୍କର କିଛି ଯାଏଆସେନା। ଅର୍ଥ ହିଁ ଏମାନଙ୍କର ସର୍ବସ୍ୱ। ବିଶ୍ୱ ଇତିହାସରେ ଏକବିଂଶ ଶତାବ୍ଦୀରେ ଭୟଙ୍କର ଯୁଦ୍ଧରେ ପ୍ରାୟ ସବୁଦେଶ ପରୋକ୍ଷ ବା ପ୍ରତ୍ୟକ୍ଷରେ ମାତିଯିବେ। ଯୁଦ୍ଧ ପାଇଁ ଅର୍ଥ, ପୁଣି ଅର୍ଥ ପାଇଁ ଯୁଦ୍ଧ। ଯୁଦ୍ଧରେ ଧ୍ୱଂସ ପାଇଥିବା କୋଠାବାଡ଼ି ପ୍ରମୁଖ ପୁନଃ ନିର୍ମାଣ ପାଇଁ ଅର୍ଥ ଦରକାର। ସବୁଥିରେ ଅର୍ଥ। କଥାରେ ଅଛି– ଟଙ୍କା ଖାଇ ଗୋଡ଼ାଏ, ଯାହାପାଖରେ କିମ୍ବା ଦେଶରେ ଅମାପମାପ ଅର୍ଥ ଅଛି ସେ ପାଗଳ ହୋଇଯିବ। ସେ ମଣିଷ କି ଦେଶ ବିଶ୍ୱଧ୍ୱଂସର କାରଣ ହୁଅନ୍ତି। ସମ୍ପ୍ରତି ୟୁକ୍ରେନ୍‌କୁ ଆମେରିକା ଓ 'ନାଟୋ' ଦେଶ, ରୁଷିଆକୁ ଚାଇନା, ଇରାନ୍ ଯୁଦ୍ଧାସ୍ତ୍ର ବାକିରେ ଦେଉଛନ୍ତି। ସେମାନେ ଏ ବାକିଆ ଅର୍ଥକୁ ପରିଶୋଧ କରି ନ ପାରିଲେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ। ଏହା ବଦଳରେ ସାରାଦେଶର ଜଳସ୍ଥଳ, ଭୂତଳ, ଆକାଶକୁ ବନ୍ଧା ରଖିବେ। ଋଣ ପରିଶୋଧ ପର୍ଯ୍ୟନ୍ତ ସେ ଦେଶର ସମ୍ପତ୍ତି ମନଇଚ୍ଛା ବୋହିନେବେ। ଯେମିତି ଭାରତରୁ ବ୍ରିଟିଶ୍‌ମାନେ ଦୁଇଶହ ବର୍ଷ ଧରି ଆମ ସମ୍ପତ୍ତି ହରଣ କରୁଥିଲେ।

ଯୁଦ୍ଧ କେବେ ସରେନି – ଯୁଦ୍ଧ କେବେ ସରିବାର ନାହିଁ। ମଣିଷର ଜୀବନ ବିନିମୟରେ ମାରଣାସ୍ତ୍ର ବିକ୍ରୟ ଏକମାତ୍ର ଲକ୍ଷ୍ୟ। ନିୟମିତ ଜାରି ରହିଥିବା ମାରଣାସ୍ତ୍ର ଉତ୍ପାଦନର ଅନ୍ତୁଡ଼ିଶାଳର ନିଆଁ ଭିତରୁ ଏ ଯୁଦ୍ଧାସ୍ତ୍ର ଜନ୍ମ। ଯାହାର ପଣ– ଏ ଜୀବନ୍ତ ଗ୍ରହକୁ ଏକ ମୃତପିଣ୍ଡର ମୁଠେ ପାଉଁଶ ଏବଂ ଡିନାମାଇଟ୍‌ଠୁ ଆରମ୍ଭ କରି ପରମାଣୁ ବୋମା ପର୍ଯ୍ୟନ୍ତ ଯେଉଁ ଅସ୍ତ୍ର ବେପାର ସେ ଶସ୍ୟଶ୍ୟାମଳା ପୃଥିବୀକୁ ମରୁଗ୍ରହରେ ପରିଣତ କରିବାର ଯୋଜନାରେ ଆଜି ମଧ୍ୟ ପ୍ରବୃତ୍ତ। କ୍ଷୋଭର ବିଷୟ ଯେ– ସେମାନଙ୍କୁ ମିଳୁଛି ପ୍ରଚୁର ପ୍ରଶସ୍ତିର ପାଉଣା। ଯଥା– ଡିନାମାଇଟର ଉଦ୍ଭାବକ ଆଲ୍‌ଫ୍ରେଡ୍ ନୋବେଲ୍– ଯାହାଙ୍କର ବିପୁଳ କାଳ ମୁନାଫାର ଏକ ନଗଣ୍ୟ ଅଂଶ ପୃଥିବୀର ବିଭିନ୍ନ କ୍ଷେତ୍ର ବିଷୟକ ଦିଗରେ ପୁରସ୍କାର ପାଇଁ ପ୍ରେରିତ ହୋଇଆସୁଛି। ମାତ୍ର କିଛି କୋଟି ଟଙ୍କାର ପୁରସ୍କାରକୁ କୁକୁର ଆଗରେ ଅଇଁଠା ଫିଙ୍ଗିଲା ପରି ଫିଙ୍ଗିଦିଆଯାଇ ୮ଶହ କୋଟି ଜନସଂଖ୍ୟକ ତମାମ ପୃଥିବୀରୁ ଅସୁଲ କରାଯାଉଛି – ଅପରିମେୟ ଯଶ ଓ ଜୟ ଜୟକାର। ଏଣୁ ମଣିଷ ମାର – ମୁନାଫା କର – ଆହେ ଯୁଦ୍ଧଖୋର। ଏ ହେଉଛି ବର୍ତ୍ତମାନର ମାରଣାସ୍ତ୍ର ବଜାରିଙ୍କ ଭିତିରିଆ ବିଜ୍ଞାପନ। ସବୁବେଳେ ଯୁଦ୍ଧର ଇତିହାସ ବିଚିତ୍ର ଓ ଅତ୍ୟନ୍ତ ପୀଡ଼ାଦାୟକ। ସବୁ ଯୁଦ୍ଧ ଯୋଜନାବଦ୍ଧ ,ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

ସମ୍ପ୍ରତି ଧର୍ମଯୋଦ୍ଧାମାନଙ୍କର ଯୁଗ ଶେଷ। ବର୍ତ୍ତମାନ ପୃଥିବୀ ପ୍ରେମଯୋଦ୍ଧାମାନଙ୍କୁ ଦରକାର କରେ। କାରଣ ଧର୍ମଯୁଦ୍ଧ ଏ ଦୁନିଆରେ ସୃଷ୍ଟି କରିଛି ମଣିଷରକ୍ତର ଦଙ୍ଗା। ମାତ୍ର ଆସନ୍ନ ପ୍ରେମଯୁଦ୍ଧ ଏ ପୃଥିବୀରେ ଆଣିବ ମହାପ୍ଲାବନମୟ ମଣିଷ ହୃଦୟର ମହାଗଙ୍ଗା। ତେଣୁ ସଇତାନ ସାବଧାନ।

**ଯାଜପୁର ରୋଡ, ଯାଜପୁର**
**ମୋ: ୯୮୬୧୦୩୪୧୬୩**

# ବାର ମୁହଁରେ ବାର କଥା



ରାନୀ ନାୟକ

ସମାଜରେ ଅନେକ ଲୋକ ଅଛନ୍ତି, ଯେଉଁମାନେ ପରିସ୍ଥିତି ବା ସମସ୍ୟାର ମୁକାବିଲା କରି ନ ପାରି ମଦ୍ୟପାନ କରନ୍ତି। ଆଉ କିଏ ନିଜର ସଉକ ମେଣ୍ଟେଇବାକୁ ଯାଇ ନିଶା ସେବନ କରନ୍ତି। ମଦ୍ୟପାନକୁ ନେଇ ଭାରତୀୟମାନଙ୍କ ସମ୍ପର୍କ ଅତି ଜଟିଳ। କିଏ ମଦ ସପକ୍ଷରେ ତ ଆଉ ଅନେକେ ବିପକ୍ଷରେ ମଧ୍ୟ ଅଛନ୍ତି। ସେଥିପାଇଁ ତ ମଦକୁ ନେଇ ବାର ମୁହଁରେ ବାର କଥା। ଆୟୁର୍ବେଦ ମତ ଅନୁସାରେ ମାଦକଦ୍ରବ୍ୟର ବ୍ୟାଖ୍ୟାରେ କୁହାଯାଇଛି ''ବୁଦ୍ଧି ଲୁପତି ଯଦ୍ ଦ୍ରବ୍ୟମ୍ ମଦକାରି ତଦୁଚ୍ୟତେ''। ଅର୍ଥାତ୍ ଯେଉଁ ବସ୍ତୁ ବୁଦ୍ଧିକୁ ନାଶ କରିଦିଏ, ତାହାକୁ ମଦକାରୀ କୁହାଯାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟ ଅନୁଯାୟୀ ଯଦି ମଦ ବୋତଲରେ ଏକ ମାଂସ ଖଣ୍ଡ ପକାଇ ଦିଆଯାଏ ତେବେ ତାହା କିଛି ସମୟ ପରେ ଦ୍ରବିତ ହୋଇ ସୂକ୍ଷ୍ମ ତନ୍ତୁରେ ପରିଣତ ହୋଇଯିବ। ଏହି ପ୍ରକାର ରକ୍ତରେ ଆଲକାଇନର ଘନତ୍ୱ ୦.୨ ପ୍ରତିଶତରୁ ୦.୫ ପ୍ରତିଶତ ପହଞ୍ଚିଯାଏ ଓ ମଦ ପିଉଥିବା ବ୍ୟକ୍ତିର ତୁରନ୍ତ ମୃତ୍ୟୁ ହୋଇଯାଏ। ଇଟାଲିର ବୈଜ୍ଞାନିକମାନେ ପ୍ରମାଣିତ କରିଛନ୍ତି ଯେ 'କର୍କଟ ରୋଗର ମୁଖ୍ୟ କାରଣ ହେଉଛି ମଦ୍ୟପାନ'। ମୁଖ ଓ ଗଳା କର୍କଟ ରୋଗଗ୍ରସ୍ତ ପ୍ରାୟ ଶତକଡ଼ା ୮୦ ଭାଗ। ଏହାର କାରଣ ହେଉଛି ମଦ୍ୟପାନ କିମ୍ବା ନିଶାଦ୍ରବ୍ୟ ସେବନ । ମଦ୍ୟପାନ ଯୋଗୁ ଯକୃତରେ ପ୍ରଭାବ ପଡ଼ିଥାଏ।

ଭାରତରେ ମଦ ବିକ୍ରି ପ୍ରଥମେ ରବର୍ଟ କ୍ଲାଇବ ନାମକ ଜଣେ ଇଂରେଜଙ୍କ ଦ୍ୱାରା ୧୭୬୦ ମସିହାରେ କୋଲକାତାରେ ଆରମ୍ଭ ହୋଇଥିଲା। ଏହି ଜହର ରୂପକ ଜାଲରେ ସମସ୍ତେ ଛନ୍ଦି ହୋଇ ଅଛନ୍ତି। ଗାନ୍ଧିଜୀ କହିଥିଲେ ''ଦେଶ ସ୍ୱାଧୀନ ହେବାର ୨୪ ଘଣ୍ଟା ମଧ୍ୟରେ ନିଶାକୁ ନିଷିଦ୍ଧ କରି ଏହା କାର୍ଯ୍ୟକାରୀ ହେବା କଥା, ମାତ୍ର ତାହା ହୋଇପାରିଲା ନାହିଁ। କାରଣ ମହାତ୍ମା ମଦକୁ ବିଦେଶୀ ମନେକରିବା ସହିତ ତାକୁ 'ପାପ'ବୋଲି ମନେକରୁଥିଲେ। ଏକ ରିପୋର୍ଟରେ ଦର୍ଶାଇଯାଇଛି ଯେ, ଯେତିକି ମଦରେ ସରକାରଙ୍କ ଆଦାୟ ହୁଏ ତା'ର ଶହେଗୁଣ ଲୋକଙ୍କୁ କ୍ଷତି ସହିବାକୁ ପଡ଼ିଥାଏ। ଯୁଗ ବଦଳିବା ସହିତ ଲୋକଙ୍କ ଜୀବନଶୈଳୀରେ ମଧ୍ୟ ପରିବର୍ତ୍ତନ ହୋଇଛି। ଲୋକ ଏବେ ଆଧୁନିକତା ଆଡ଼କୁ ଅଗ୍ରସର ହେଉଛନ୍ତି। କିନ୍ତୁ ଗାଁଠାରୁ ସହର ଯାଏ ସବୁଠି ଏବେ ମଦ ବାସ୍ନା ଭରିଯାଇଛି। ସହରରେ ୨୩୪ ପ୍ରତିଶତ ଓ ଗାଁରେ ୧୧୭ ପ୍ରତିଶତ ହାରରେ ପ୍ରତିବର୍ଷ ବିକ୍ରି ବଢୁଛି। ଭାରତରେ ମଦ ନିଷେଧ ବିହାର, ଗୁଜରାଟ, ମିଜୋରାମ, ନାଗାଲାଣ୍ଡ ଆଦି ରାଜ୍ୟରେ ଲାଗୁ ହୋଇଛି। ଅନ୍ୟ ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳ ମଦ ବିକ୍ରିକୁ ଅନୁମତି ଦେଇଛନ୍ତି। ବୈଦିକ ଯୁଗରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ଭାରତରେ ମଦକୁ ନେଇ ଅନେକ କଥା ଅଛି। ଆମେ ତ ବିଭିନ୍ନ ଦେବଦେବୀଙ୍କୁ ପୂଜା କରି ଆସୁଛନ୍ତି କିନ୍ତୁ ସେଥି ମଧ୍ୟରୁ ମଦର ବି ଜଣେ ଦେବୀ ଅଛନ୍ତି। କଥାଟି ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ତାଙ୍କୁ ସୁରୀଦେବୀ ବୋଲି କୁହାଯାଏ। ଗ୍ରନ୍ଥରେ ଉଲ୍ଲେଖ ଅଛି ସମୁଦ୍ର ମନ୍ଥନ ବେଳେ ସୁରିଦେବୀ ସେଥିରୁ ପ୍ରକଟ ହୋଇଥିଲେ। ଦେବତାମାନଙ୍କୁ ସୁରା ଢାଳିବା ସମୟରେ ସେଥିରୁ କିଛି ବୁନ୍ଦା ପୃଥିବୀରେ ପଡ଼ିଗଲା। ସେହି ବୁନ୍ଦାଗୁଡିକରୁ ହିଁ ଜାତ ହୋଇଛି ଯେତେ ପ୍ରକାରର ନିଶାଦ୍ରବ୍ୟ। ନିର୍ଦ୍ଦିଷ୍ଟ ଭାବେ ମଦ କେବେଠାରୁ ଆରମ୍ଭ ହେଲା କିଛି ତଥ୍ୟ ନାହିଁ କିନ୍ତୁ ଅନେକ ତତ୍ତ୍ୱବିତ୍‌ମାନେ କୁହନ୍ତି ଆଜକୁ ୧୦ହଜାର ବର୍ଷ ତଳୁ ଏହା ଆରମ୍ଭ ହୋଇଛି। ଦିନ ଥିଲା ମଦକୁ ସାଧାରଣତଃ ଔଷଧି ରୂପେ ବ୍ୟବହାର କରାଯାଉଥିଲା। ଆଉ ତାକୁ ମଧ୍ୟ ଅନେକେ ବିକାର ଓ ମୃତ୍ୟୁ ରୂପକ ତରଳ ଜହର ରୂପେ ଜଣାଯାଏ। ଏହି ନିଶା ପାନ ଯୋଗୁ ଯଦୁ ବଂଶ ବି ଧ୍ୱଂସ ହୋଇଛି। ପ୍ରତିଦିନ ସକାଳୁ ଉଠୁ ଉଠୁ ବଳାତ୍କାର, ଦୁର୍ଘଟଣା, ହତ୍ୟା ଖବର ଗଣମାଧ୍ୟମରେ ଦେଖିବାକୁ ମିଳୁଛି। ମଦ୍ୟପାନ ପାଇଁ କେତେ ସୁନା ସଂସାର ଚୂନା ହେବାରେ ଲାଗୁଛି। ତଥାପି ଆମେ ଚୁପ ହୋଇ ଦେଖିବା ଛଡ଼ା ଆଉ କିଛି ଉପାୟ ନାହିଁ। ଛାଡ଼ ଏସବୁ ଆମ ଲୋକଙ୍କୁ ଶୁଣେଇଲେ କିଛି ସୁଫଳ ମିଳିବ ନାହିଁ। କଥାରେ ଅଛି ''ମୋତେ ଯେତେ ମାଠିବୁ ମାଠ ମୁଁ ସେଇ ଦରପୋଡ଼ା କାଠ।'' ଆମ ଲୋକ ହିଁ ସେଇଭଳି ହୋଇଗଲେଣି। ଛୋଟ ପିଲାଟିକୁ ଯଦି କହିବ ନିଆଁକୁ ଧରିବୁନି ହାତ ପୋଡ଼ିଯିବ, କିନ୍ତୁ ସେ ତାକୁ ଆହୁରି ଧରିବ ବୋଲି ମନ ବଳେଇବ। ସେମିତି ମଦକୁ ନେଇ ଯେତେ ସଚେତନ କଲେ ମଧ୍ୟ କିଛି ଲାଭ ନାହିଁ ସେମାନେ ପିଇବେ ହିଁ ପିଇବେ। ଆମ ଲୋକଙ୍କର ଏହା ଶୁଣି ଦେହସୁଆ ହୋଇଗଲାଣି।

**ଢେଙ୍କାନାଳ**
**ମୋ: ୭୬୦୬୯୯୬୦୫୩**

## ପାଠକ ଶ୍ରେଷ୍ଠ ବିଚାରକ

### ନିୟମକୁ ଅଣଦେଖା

ମହାଶୟ,

ପୁରୀ ଶ୍ରୀମନ୍ଦିର ଚାରିପାଖର ସ୍ୱଚ୍ଛତା ଓ ପବିତ୍ରତା ରଖିବା ପାଇଁ ମନ୍ଦିର ପ୍ରଶାସନ ପାନ, ଗୁଟଖା ଓ ମାଦକ ଦ୍ରବ୍ୟ ଆଦି ନିଷେଧ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ । ଏ କ୍ଷେତ୍ରରେ ଶ୍ରୀମନ୍ଦିରର ପରିଚାଳନା ନିମନ୍ତେ ପ୍ରଶାସନିକ ବ୍ୟବସ୍ଥାକୁ ସମ୍ମାନ ଦେବା ଆବଶ୍ୟକ। ଏ ପ୍ରସଙ୍ଗର ପ୍ରାସଙ୍ଗିକତାର ସଫଳ ରୂପାୟନ ସମ୍ଭବ ହେବ ଯେତେବେଳେ ସବୁ ନୀତିନିୟମକୁ ପ୍ରଣୟନ କରିଥିବା ଆଇନ ବିଶାରଦ ଓ ଅଧିକାରୀ ମାନେ ନିଜ କ୍ଷମତାର ଅପବ୍ୟବହାରରୁ ବିରତ ହୋଇ ସେସବୁକୁ ମାନିବେ । ଯେଉଁ ନିୟମ ସମସ୍ତଙ୍କ ନିମନ୍ତେ, ସେଇ ନିୟମ ତାଙ୍କ ପାଇଁ ମଧ୍ୟ। ପ୍ରଥମରୁ ସ୍ମାର୍ଟ ମୋବାଇଲ ଫୋନ ମନ୍ଦିର ଭିତରକୁ ନେବାରେ ସମସ୍ତଙ୍କ ପାଇଁ କଟକଣା ଥିବା ସହ ଜରିମାନାର ବ୍ୟବସ୍ଥା ଅଛି। ଏହାସତ୍ତ୍ୱେ ମନ୍ଦିର କର୍ମଚାରୀ, ହୋମ ଗାର୍ଡ ସମେତ ପୋଲିସ ଅଧିକାରୀ, ମହାପ୍ରଭୁଙ୍କ ସେବାରେ ନିୟୋଜିତ ପ୍ରାୟ ସଭିଙ୍କ ପାଖରେ ମୋବାଇଲ ରହୁଛି। ଆନନ୍ଦବଜାରରେ ମହାପ୍ରସାଦ ବିକ୍ରି ପାଇଁ ନିର୍ଦ୍ଧାରିତ ମୂଲ୍ୟ ତାଲିକା ଲଗାଇବା ନିୟମ ଥିଲେ ବି ସେସବୁକୁ ଅଣଦେଖା କରାଯିବା ଦୁଃଖଦାୟକ । ସମସ୍ତ ସୁବ୍ୟବସ୍ଥା ଆଜି ଅବ୍ୟବସ୍ଥା ରୂପେ ପ୍ରତୀୟମାନ ହେଉଛି । ସରକାର ଏଥିପ୍ରତି ଧ୍ୟାନ ଦେବା ଉଚିତ।

–ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମୁଖେ ଅଛି ହସ, ଆଖିରୁ ତୋହର ଶୁଖିନି ପାଣି
ନିରୋଳାରେ ଯଦି କଷ୍ଟ ବେଦନା ବାଜଇ ବାଣୀ।
ଚରଣ ନୋହିଛି ଶିଥିଳ ଅବଶ ହୋଇନି କର
ଲୋମର ପୁଳକ ନୟନର ତୃଷା ରହିଛି ତୋର।
–(ଜୀବନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଆକାଶ



@ ମଳୟ



@ ମୃନୁ



@ ପ୍ରଭଞ୍ଜନ



@ ସଦାନନ୍ଦ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସମ୍ଭାବ୍ୟ ଝଡ଼ବର୍ଷାକୁ ନେଇ ଚିନ୍ତା

- ଉଜୁଡ଼ିବା ଧାନ,ପରିବା ଫସଲ
- କ୍ଷେତରେ ଡାଲୁଅ ଧାନ ସମ୍ପୂର୍ଣ୍ଣ ପାଚିନାହିଁ
- ବାସଗୃହ ଅପେକ୍ଷାରେ ୩୫ ହଜାରରୁ ଊର୍ଦ୍ଧ୍ୱ ଆଶାୟୀ
- କଇଁଛ ସୁରକ୍ଷାକୁ ନେଇ ପରିବେଶବିତ୍‌ଙ୍କ ଉଦ୍‌ବେଗ

କେନ୍ଦ୍ରାପଡ଼ା,୧୫।୧୧(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ଆକାଶ ମେଘାଚ୍ଛନ୍ନ ଦେଖାଦେଇଛି । ଫଳରେ ସମ୍ଭାବ୍ୟ ସାମୁଦ୍ରିକ ଝଡ଼ ଜିଲାବାସୀଙ୍କୁ ବିଭିନ୍ନ ବିପଦ ଆଶଙ୍କା ମଧ୍ୟକୁ ଠେଲି ଦେଇଛି। ଖରିଫ ଧାନରେ ଥୋଡ ବାହାରିଛି । ସେହିପରି ଦରପାଚିଲା ଡାଲୁଅ ଧାନ ଏବେ କ୍ଷେତରେ ଅଛି । ହାର୍ଭେଷ୍ଟର ଓ ମୂଲିଆଙ୍କ ଅଭାବ ଅଛି । ଶୀଘ୍ର ଅମଳକୁ ନେଇ ଚାଷୀ ଆଶଙ୍କାରେ ଅଛି । ସେହିପରି ଭେଣ୍ଡି, ପୋଟଳ, ବାଇଗଣ, କାକୁଡ଼ି,ତରଭୁଜ ଆଦି ପନିପରିବା ଚାଷ ଆରମ୍ଭ ହୋଇଛି। ଅନ୍ୟପକ୍ଷେ କଚାଘରେ ରହୁଥିବା ପରିବାର ସାମୁଦ୍ରିକ ବର୍ଷାପବନକୁ ନେଇ ଆତଙ୍କିତ ହୋଇଛନ୍ତି। ଏବେ ସୁଦ୍ଧା ଜିଲାରେ ପ୍ରାୟ ୩୫ ହଜାର ପରିବାର ଆବାସ ଯୋଜନାରେ ସାମିଲ ହେବା ଆଶାରେ ଅଛନ୍ତି । ଗହୀରମଥାରେ ସାମୁଦ୍ରିକ ଜୀବ ବିରଳ ଅଲିଭ ରିଡଲେ କଇଁଛଙ୍କ ଆଗମନ ସମୟ। ସାମୁଦ୍ରିକ ଝଡ଼ ବେଳାଭୂମିର ବ୍ୟାପକ କ୍ଷତି କରିବ ବୋଲି ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି ।

ଏ ସଂକ୍ରାନ୍ତରେ ନିକିରାଇର ରମାକାନ୍ତ ଜେନା କହିଛନ୍ତି, ଗଣମାଧ୍ୟମରୁ ସାମୁଦ୍ରିକ ଝଡ଼ ବର୍ଷା ଖବର ପାଇବା ପରେ ଗତ ୨ ଦିନ ମଧ୍ୟରେ ପ୍ରାୟ ୪ ଏକର ଦରପାଚିଲା ଧାନ କଟାଯାଇଛି। ସେଗୁଡ଼ିକୁ ଖଳାକୁ ଆଣି ରକ୍ଷଣାବେକ୍ଷଣ କରିବା ଏବେ କଷ୍ଟକର ହୋଇପଡ଼ିଛି । କୃଷି ଶ୍ରମିକ ମିଳୁନାହାନ୍ତି। ଏହି ଧାନ ବିଡ଼ାକୁ ଗଦା ମାରି ପଲିଥିନ ଘୋଡାଇବା ପାଇଁ ଅର୍ଥର ଅଭାବ ଅଛି। ଋଣ କରି ଚାଷ କରିଥିବା ବେଳେ ବର୍ଷା ଯୋଗୁ ଧାନ ନଷ୍ଟ ହେଲେ ଋଣ ସୁଝିବା ଚିନ୍ତା ଆମକୁ ଘାରିଛି । ଭରତପୁର ଗ୍ରାମର ଭାଗଚାଷୀ ସନତ କୁମାର ଦାସ କହିଛନ୍ତି, ଦରପାଚିଲା ଧାନ କାଟି ଆଣିଲେ ପୋକ ଲାଗିବା ଭୟ ଅଛି। ଉପଯୁକ୍ତ ପରିମାଣରେ ଫସଲ ଆଦାୟ ହୋଇ ପାରିବନାହିଁ । ଲଗାତାର ୨ ଦିନ ବର୍ଷା ହେଲେ ଧାନ ଗଜା ହୋଇଯିବ । ଜିଲାରେ କୃଷି ଶ୍ରମିକ ମିଳୁ ନ ଥିବା ବେଳେ ହାର୍ଭେଷ୍ଟର ନାହିଁ । ଅଳ୍ପ ସମୟରେ ଧାନ ଅମଳରେ ଏହା ବାଧା ସୃଷ୍ଟି କରିଛି । ଚଳିତ ବର୍ଷ ପ୍ରାୟ ୫ ଏକର ଜମିରେ ସେ ଡାଲୁଅ ଧାନଚାଷ କରିଛନ୍ତି। ଏଥିସହ ପ୍ରାୟ ୧୦ ଏକର କ୍ଷେତରେ ବିଭିନ୍ନ ପନିପରିବା ଲଗାଇଥିବା ଥିବା ପ୍ରକାଶ କରିଛନ୍ତି । ବୁଦ୍ଧିଜୀବୀ ଚିତ୍ତରଞ୍ଜନ ଦାସ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାକୁ ବନ୍ୟା, ମରୁଡ଼ି ସହିତ ସାମୁଦ୍ରିକ ଝଡ଼ ପରି ପ୍ରାକୃତିକ ବିପର୍ଯ୍ୟୟ ଭୟ ସର୍ବଦା ଲାଗିରହିଛି । ଏଥିରେ ବିଶେଷ ଭାବେ ଉପାନ୍ତ ଅଞ୍ଚଳବାସୀ ବେଶି ପରିମାଣରେ କ୍ଷତିଗ୍ରସ୍ତ ହେଉଛନ୍ତି । ଏହି ଅଞ୍ଚଳରେ ସର୍ବାଧିକ କଚ୍ଚା ଘର ରହିଛି । ଆବାସ ଯୋଜନାରେ ପ୍ରାୟ ୩୫ ହଜାର ଆଶାୟୀ ପରିବାର ଆବେଦନ ପତ୍ର ଦେଇଛନ୍ତି । ସାମୁଦ୍ରିକ ଝଡ଼ ହେଲେ ଏହି ପରିବାର ବର୍ଗଙ୍କ ଧନଜୀବନ ନଷ୍ଟ ହେବା ଅସମ୍ଭବ ନୁହେଁ । ଗହୀରମଥା କଇଁଛ ସଂରକ୍ଷଣ ସମିତି ସମ୍ପାଦକ ହେମନ୍ତ କୁମାର ରାଉତ କହିଛନ୍ତି, ମାତ୍ର ଏକ ରୁ ଦୁଇ ସପ୍ତାହ ମଧ୍ୟରେ ଗହୀରମଥା ସାମୁଦ୍ରିକ ଅଞ୍ଚଳକୁ ଅଲିଭ ରିଡଲେ କଇଁଛଙ୍କ ଆଗମନ ହେବ । ସାମୁଦ୍ରିକ ଝଡ଼ ଅଧିକ ହେଲେ ସେମାନଙ୍କ ଅଣ୍ଡିଶାଳ କ୍ଷତିଗ୍ରସ୍ତ ହେବ । ଉପଯୁକ୍ତ ପରିବେଶ ନ ମିଳିଲେ ଏହି ବିରଳ ଜୀବ ଅଣ୍ଡା ନ ଦେଇ ଫେରିଯିବା ସମ୍ଭାବନା ଅଛି। ଏପରି କି ପୂର୍ବରୁ ବାରମ୍ବାର ଆସୁଥିବା ସ୍ଥାନକୁ ପ୍ରତ୍ୟାଖ୍ୟାତ କରିବା ନଜିର ଅଛି । ବାତ୍ୟା ପରେ ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ଆବଶ୍ୟକ । କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ପ୍ରଭଞ୍ଜନ ମିଶ୍ର କହିଛନ୍ତି, ଅନ୍ୟୂନ ୮୫ ପ୍ରତିଶତ ପାଚିଥିବା ଧାନକୁ କାଟି ସଂରକ୍ଷଣ କରିବା ଆବଶ୍ୟକ । ଅଧିକ ବର୍ଷା ହେଲେ ପନିପରିବା ଚାଷ ଥିବା ଜମିର ପାଣି ନିଷ୍କାସନ କରିବା ଜରୁରୀ । ପନିପରିବା ଚାଷୀ କୀଟନାଶକ ସିଞ୍ଚନ ବନ୍ଦ କରିବା ସହିତ ବର୍ଷା ପୂର୍ବରୁ ଅମଳଯୋଗ୍ୟ ପନିପରିବାକୁ ତୋଳି ଅଣାଯିବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଛନ୍ତି ।



ବର୍ଷାକୁ ଆଖିଆଗରେ ରଖି ଜଣେ ଚାଷୀ ଧାନ କାଟିନେଉଛନ୍ତି ।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ଜଗତ୍‌ସିଂହପୁର, ୧୫।୧୧
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଞ୍ଚଳରେ ୨୦୨୧ରେ ଜଣେ ନାବାଳିକାଙ୍କୁ ବଳାତ୍କାର ହୋଇଥିବା ଅଭିଯୋଗ ହୋଇଥିଲା। ବୁଧବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ମାମଲାର ବିଚାର କରି ଜଗତ୍‌ସିଂହପୁର ଫାଷ୍ଟ ଟ୍ରାକ କୋର୍ଟ ବିଚାରପତି ଅଜୟ କୁମାର ମହାନ୍ତି ଅଭିଯୁକ୍ତ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ ଓସ୍ତାର ଗ୍ରାମର ଗଣେଶ ଚନ୍ଦ୍ର ବେହେରା ଓରଫ ଗଣେଶ୍ୱରଙ୍କୁ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୬୫ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ଅନାଦେୟ ହେଲେ ଅଧିକ ୧୩ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ଅଛି। ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ଓକିଲ ଦୋଳଗୋବିନ୍ଦ ଦାସ କହିଛନ୍ତି, ୨୮।୨।୨୧ ପୂର୍ବାହ୍ନ ୧୧ଟା ବେଳେ ଜଣେ ୧୬ ବର୍ଷର ନାବାଳିକା ତାଙ୍କ ଘର ନିକଟ କୋଚିଂ ସେଣ୍ଟରକୁ ଯାଇ ଫେରୁଥିବା ବେଳେ ଅଭିଯୁକ୍ତ ତାଙ୍କୁ ରାସ୍ତାରୁ ଏକ କାରରେ ଉଠାଇ ନେଇଥିଲେ। ତା’ ପରେ କେନ୍ଦ୍ରାପଡ଼ାରେ ତାଙ୍କ ଭଉଣୀ ଘରେ ୨ ଦିନ ରଖିଥିଲେ। ସେଠାରୁ ପୁରୀ ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରି ବଳପୂର୍ବକ ଶାରୀରିକ ସମ୍ପର୍କ ରଖିଥିଲେ। ଏହିଦିନ ଝିଅକୁ ନ ପାଇ ନାବାଳିକାଙ୍କ ପିତା ବାଲିକୁଦା ଥାନାରେ ଅଭିଯୋଗ କଲା ପରେ ନଂ. ୫୪/୨୧ରେ ମାମଲା ରୁଜୁ ହୋଇଥିଲା। ନାବାଳିକାଙ୍କୁ ପୋଲିସ ଭୁବନେଶ୍ୱରରୁ ଉଦ୍ଧାର କରିଥିଲା। ତେବେ ଏହି ମାମଲାରେ ୧୬ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଥିବା ଦାସ କହିଛନ୍ତି।

# ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

## ପେଗରପଡ଼ା ହତ୍ୟା ମାମଲାର ରାୟ ପ୍ରକାଶ

କେନ୍ଦ୍ରାପଡ଼ା,୧୫।୧୧(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ପେଗରପଡ଼ା ଗ୍ରାମରେ ସଂଘବଦ୍ଧ ଆକ୍ରମଣରେ ବେଣୁଧର ସେଠୀଙ୍କ ମୃତ୍ୟୁ ଘଟିଥିଲା । ଏହି ମାମଲାର ରାୟ ବୁଧବାର ପ୍ରକାଶ ପାଇଛି । ଜିଲା ଦୌରାଜଜ୍ ବିଶ୍ୱଜିତ୍ ମହାନ୍ତି ଏହି ମାମଲା (ଥାନା କେସ ନଂ–୧୧୨/୧୫)ର ଶୁଣାଣି କରି ଗ୍ରାମର ଆଦିକନ୍ଦ ସେଠୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୫ ହଜାର ଟଙ୍କା ଜରିମାନା ଦେବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏହି ଜରିମାନା ଅନାଦୟେ ଅଭିଯୁକ୍ତ ଅଧିକ ୩ ମାସ ଜେଲ ଦଣ୍ଡ ଭୋଗିବେ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାର ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବାରୁ ସେମାନଙ୍କ ବିଚାର ହୋଇନାହିଁ।

ଉକ୍ତ ମାମଲାକୁ ପରିଚାଳନା କରୁଥିବା କ୍ୟାଡର ପିପି ମାନସରଞ୍ଜନ ବେହେରା କହିଛନ୍ତି, ସାମାନ୍ୟ ଘଟଣାରୁ ଏପରି ବଡ଼ ଦୁର୍ଘଟଣା ଘଟିଥିଲା। ଉକ୍ତ ଗ୍ରାମର ପାଞ୍ଚାଳୀ ସେଠୀ ୨୦୧୫ ଜୁନ୍ ୯ରେ ଘର ସମ୍ମୁଖ ରାସ୍ତାରେ ଧାନ ଶୁଖାଇଥିଲେ। ସେଦିନ ଗ୍ରାମର ଟୁଲୁ ସେଠୀ ଏକ ବେଲେରୋ ନେଇ ଯାଉଥିବା ସମୟରେ ସେହି ଧାନ ଉପରେ ତାଙ୍କ ଗାଡ଼ି ଚଢ଼ାଇ ଯାଇଥିଲେ । ଫଳରେ ଧାନ ରାସ୍ତାରେ ଖେଳାଇ ହୋଇ ପଡିଥିଲା । ଏନେଇ ପାଞ୍ଚାଳୀ ବିରକ୍ତ ହୋଇଥିଲେ । ପରେ ଟୁଲୁ ସେଠୀ, ଆଦିକନ୍ଦ ସେଠୀ, ବାବାଜୀ ସେଠୀ ଓ କାଳନ୍ଦୀ ସେଠୀ ଆସି ତାଙ୍କୁ ଗାଳିଗୁଲଜ କରିବା ସହିତ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ତେବେ ପାଞ୍ଚାଳୀଙ୍କ ଶ୍ୱଶୁର ବେଣୁଧର ଘଟଣାସ୍ଥଳକୁ ଆସି ପ୍ରତିରୋଧ କରିବାରୁ ମିଳିତ ଆକ୍ରମଣର ଶୀକାର ହୋଇଥିଲେ । ଏହି ଆକ୍ରମଣରେ ସେ ଗୁରୁତର ହୋଇ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା । ପାଞ୍ଚାଳୀଙ୍କ ଅଭିଯୋଗ କ୍ରମେ ଏକ ମାମଲା ରୁଜୁ ହୋଇଥିଲା ।

NATIONAL LAW UNIVERSITY ODISHA, CUTTACK
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack -753015, Odisha

QUOTATION CALL NOTICE FOR SUPPLY OF MOSQUITO NET (ALUMINIUM) FOR WINDOWS OF HOSTELS AT NLUO, CUTTACK

Sealed quotations in prescribed format are invited for "Supply of Mosquito Net (Aluminium) for windows of hostels" at NLUO Cuttack. Last date & time of receipt is 23.11.2023 at 11.00AM. For details please visit website: www.nluo.ac.in.

Sd/- Registrar

# ପିଇଓଙ୍କଠାରୁ ୨.୨୦ ଲକ୍ଷ ଭତ୍ତା ଟଙ୍କା ଲୁଟ୍

ଧର୍ମଶାଳା,୧୫।୧୧(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ତଥା ଜେନାପୁର ଥାନା ଅନ୍ତର୍ଗତ ମର୍ଜିତାପୁର ପଞ୍ଚାୟତର ଭତ୍ତାଧାରୀଙ୍କୁ ଭତ୍ତା ବାଣ୍ଟିବା ପାଇଁ ପିଇଓ ୨ ଲକ୍ଷ ୨୦ ହଜାର ଟଙ୍କା ନେଇ ଯାଉଥିବାବେଳେ ତାହା ବାଟରେ ଲୁଟ ହୋଇଥିବା ଅଭିଯୋଗ ହୋଇଛି। ପ୍ରତ୍ୟେକ ମାସ ୧୫ ତାରିଖରେ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରାଯାଇଥାଏ। ସେହି ଅନୁସାରେ ମର୍ଜିତାପୁର ପିଇଓ ନିର୍ମଳ ଚନ୍ଦ୍ର ପଣ୍ଡା ମଙ୍ଗଳବାର ଚଣ୍ଡିଖୋଲର ଏକ ବ୍ୟାଙ୍କରୁ ଉକ୍ତ ଟଙ୍କା ଉଠାଇଥିଲେ। ଟଙ୍କାକୁ ନେଇ ନିଜ ବୁଲେଟ ଗାଡିରେ ମର୍ଜିତାପୁର ପଞ୍ଚାୟତକୁ ଯାଉଥିବା ବେଳେ ନଦୀବନ୍ଧରେ ୨ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କୁ ଅଟକାଇବା ସହ ପିସ୍ତଲ ଦେଖାଇ ତାଙ୍କ ବୁଲେଟ ଚାବି ଛଡାଇ ନେଇଥିଲେ। ପରେ ଡିକିରୁ ଟଙ୍କା ଲୁଟ କରି ଜାରକା ପଟକୁ ଚାଲିଆସିଥିଲେ। ଏନେଇ ପିଇଓ ପଣ୍ଡା ଧର୍ମଶାଳା ବିଡିଓଙ୍କୁ ଅବଗତ କରିବା ସହ ଜେନାପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୩୧୯/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ମହର୍ଷି କଲେଜ ରୋଡ, ସହୀଦ ନଗର, ଭୁବନେଶ୍ୱର, ଫୋନ୍ ନଂ.: ୦୬୭୪-୨୫୪୯୬୬୩, ୨୫୪୯୬୧୨, ଫ୍ୟାକ୍ସ ନଂ.: ୦୬୭୪-୨୫୪୯୭୧୩, ଇ-ମେଲ ଆଇଡି: sbi.05174@sbi.co.in

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ।

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟର ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି ଭିତ୍ତିରେ" ତା.୨୨.୧୨.୨୦୨୩ରିଖ ଦିନ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି, ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

ଇ-ନିଲାମ ତାରିଖ ଏବଂ ସମୟ: ତା.୨୨.୧୨.୨୦୨୩ ରିଖ ଅପରାହ୍ନ ୦୨.୦୦ ଘଟିକାରୁ ଅପରାହ୍ନ ୦୪.୦୦ ଘଟିକା ମଧ୍ୟରେ, ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିଗୁଡିକର ବିବରଣୀ ଏବଂ ସମ୍ପତ୍ତିଗୁଡିକର ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ଇନ୍ଦୁମତୀ ଲେଙ୍କା, ସ୍ୱାମୀ: ଯୁଧିଷ୍ଠିର ଲେଙ୍କା, ୨) ଶ୍ରୀ ନିଗମଜ୍ୟୋତି ଲେଙ୍କା, ଉଭୟଙ୍କ ଠିକଣା - ସା: ଚୁଡଙ୍ଗ ସାହି, ପୁରୀ, ବଡୁମହାପାତ୍ର ଜାଗା ନିକଟ, ପିନ୍ - ୭୫୨୦୦୧ | ଶ୍ରୀମତୀ ଇନ୍ଦୁମତୀ ଲେଙ୍କା, ସ୍ୱାମୀ: ଯୁଧିଷ୍ଠିର ଲେଙ୍କାଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ମାର୍କଣ୍ଡେଶ୍ୱର ସାହି ନଂ.: ୧ (ସାବିକ ମୌଜା: ଚୁଡଙ୍ଗ ସାହି-୧), ତହସିଲ/ଥାନା/ଜିଲ୍ଲା: ପୁରୀ, ଓଡିଶା, ମ୍ୟୁଟେଡ୍ ଖାତା ନଂ.: ୬୪୦/୪୪, ମ୍ୟୁଟେଡ୍ ପ୍ଲଟ୍ ନଂ.: ୭୬୨/୧୫୦୭, କ୍ଷେତ୍ର: ଏକର ୦.୦୧୮୫ ଡିସିମିଲି, ଥାନା: ପୁରୀ ଟାଉନ୍, ଜିଲ୍ଲା: ପୁରୀ | ୦୬.୧୦.୨୦୨୨ ସୁଦ୍ଧା ଟ.୪୭,୩୫,୩୫୬/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୦୬.୧୦.୨୦୨୨ | ଟ.୩୩,୬୧,୦୦୦/- / ଟ.୩,୩୬,୧୦୦/- / ଟ.୫୦,୦୦୦/- |
| ୨. | ଋଣଗ୍ରହୀତା: ଶ୍ରୀ ସୂର୍ଯ୍ୟନାରାୟଣ ଚୌଧୁରୀ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ରାଜଶ୍ରୀ ଚୌଧୁରୀ, ଉଭୟଙ୍କ ଠିକଣା-ସା: ବାସେଳି ସାହି, ପୋ: ପୁରୀ, ଲୋକନାଥ ରୋଡ, ନୀଳମାଧବ ଲେନ୍, ପୁରୀ, ପିନ୍ - ୭୫୨୦୦୧ | ଶ୍ରୀ ସୂର୍ଯ୍ୟନାରାୟଣ ଚୌଧୁରୀଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ପୁରୀ ସହର ୟୁନିଟ୍ - ୩, ମଙ୍ଗଳାଘାଟ, ତହସିଲ: ପୁରୀ, ଥାନା: ପୁରୀ ଟାଉନ୍, ଜିଲ୍ଲା: ପୁରୀ, ଖାତା ନଂ.: ୩୨୭, ପ୍ଲଟ୍ ନଂ.: ୧୫୪/୮୪୬, କ୍ଷେତ୍ର: ଏକର ୦.୦୧୧ ଡିସିମିଲି ଏବଂ ଶ୍ରୀମତୀ ରାଜଶ୍ରୀ ଚୌଧୁରୀଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୪୦୦/୧୦୦, ପ୍ଲଟ୍ ନଂ.: ୧୫୪/୧୦୬୯, କ୍ଷେତ୍ର: ଏକର ୦.୦୧୧ ଡିସିମିଲି, ୨ଟି ପ୍ଲଟ୍, ସମୁଦାୟ କ୍ଷେତ୍ର: ଏକର ୦.୦୨୨ ଡିସିମିଲି | ୦୨.୦୩.୨୦୨୩ ସୁଦ୍ଧା ଟ.୨୩,୦୧,୬୩୩/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୦୨.୦୩.୨୦୨୩ | ଟ.୩୯,୨୯,୦୦୦/- / ଟ.୩,୯୨,୯୦୦/- / ଟ.୫୦,୦୦୦/- |

ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଓ ସମୟ: ୨୦.୧୨.୨୦୨୩, ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୬) ଏବଂ ୯(୧) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ: www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in ଏବଂ ନିଲାମ ପାଇଁ ଲଗ୍‌ଇନ୍ କରନ୍ତୁ : https://www.mstcecommerce.com/auctionhome/ibapi/index.jsp

ପରବର୍ତ୍ତୀ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ଆଶିଷ କୁମାର ମହାନ୍ତି (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୯୪୩୭୫୫୨୫୩୫, ସିସିଓ: ଶ୍ରୀ କେଶବ ଚନ୍ଦ୍ର ମଲ୍ଲିକ, ମୋ.: ୯୪୩୭୯୫୩୬୪୨

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୫.୧୧.୨୦୨୩ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର

# ଅଁଳାବାଙ୍କରେ ପ୍ରସିଦ୍ଧ ଶ୍ୟାମାକାଳୀ ପୂଜା



ମା’ ଶ୍ୟାମାକାଳୀଙ୍କୁ ପୂଜାର୍ଚ୍ଚନା କରାଯାଉଛି ।

ଡେରାବିଶ,୧୫।୧୧(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅଧୀନ ଅଁଳାବାଙ୍କଠାରେ ରବିବାରଠାରୁ ଆରମ୍ଭ ହୋଇଥିବା ମା’ ଶ୍ୟାମାକାଳୀଙ୍କ ପୂଜା ମଙ୍ଗଳବାର ବିଳମ୍ବିତ ରାତିରେ ଶେଷ ହୋଇଛି। ବହୁ ପ୍ରାଚୀନ ଏହି ପୂଜା ଉତ୍ସବ ପାଇଁ ଅଁଳାବାଙ୍କସ୍ଥିତ ମହାକାଳୀ ଆଶ୍ରମ ଉତ୍ସବ ମୁଖର ହୋଇଥିଲା । ଏହି ମଣ୍ଡପରେ ରବିବାର ରାତିରେ ମହାମାୟା ପୂଜା ଓ ବୈଷ୍ଣବ୍ୟ ଅନ୍ନପୂର୍ଣ୍ଣା ବେଶ, ସୋମବାର ରାତିରେ ଚଣ୍ଡୀପୂଜା ଓ ଜଗଧାତ୍ରୀ ପୂଜା, ମଙ୍ଗଳବାର ଜଗଦମ୍ବା ପୂଜା ହୋଇଥିବା ବେଳେ ରାତି ୧୨ଟାରେ ମା’ଙ୍କ ମଣ୍ଡପରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷ ତିନିଦିନ ଧରି ଅଁଳାବାଙ୍କଠାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିବା ବେଳେ ବିଦ୍ୟୁତ୍ ଆଲୋକମାଳାର ତୋରଣ ଓ ଅସ୍ଥାୟୀ ଭାବେ ପଡ଼ିଥିବା ଘରକରଣା ସାମଗ୍ରୀ ଓ ଖାଦ୍ୟ ଦୋକାନରେ ମହିଳାଙ୍କ ବିଶେଷ ଭିଡ଼ ଦେଖିବାକୁ ମିଳିଥିଲା। ପ୍ରତ୍ୟେହ ସନ୍ଧ୍ୟାରେ ପ୍ରବଚନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶକୁ ଭକ୍ତିମୟ କରିଥିଲା । ଏହି କାର୍ଯ୍ୟକ୍ରମକୁ ଆଶ୍ରମର ମୁଖ୍ୟ ତତ୍ତ୍ୱାବଧାରକ ଦେବବ୍ରତ ଆଚାର୍ଯ୍ୟ, ସତ୍ୟବ୍ରତ ଆଚାର୍ଯ୍ୟ, ମରୁତ ସ୍ୱାଇଁ, ଦେବେନ୍ଦ୍ର ନାୟକ, ଶ୍ରୀଧର ନାଥ ପ୍ରମୁଖଙ୍କ ସହ ଅଁଳାବାଙ୍କ ଗ୍ରାମବାସୀ ପରିଚାଳନା କରିଥିଲେ। ସେହିପରି ଡେରାବିଶ ବ୍ଲକ ଏଣ୍ଡରଠାରେ ମା’ କାଳୀଙ୍କ ପୂଜା ଅନୁଷ୍ଠିତ ହୋଇଥିଲା ।

ବୈଙ୍କ ଑ଫ ବଡ଼ୌଦା Bank of Baroda

କ୍ଷେତ୍ରୀୟ କାର୍ଯ୍ୟାଳୟ : କଟକ
୨ୟ ମହଲା, ଚଳଚ୍ଚିତ୍ର ଭବନ, ବକ୍ସିବଜାର, କଟକ, ଓଡ଼ିଶା-୭୫୩୦୦୧, ମୋ: ୮୦୯୩୦୪୭୨୧୮, ଇମେଲ୍: legal.cuttack@bankofbaroda.com

ଡ଼ିମାଣ୍ଡ ନୋଟିସ୍ (ସରଫେଶୀ ଆକ୍ଟ ୨୦୦୨ ଧାରା ୧୩ର ଉପଧାରା (୨) ଅନୁଯାୟୀ)

ଶାଖାର ନିମ୍ନଲିଖିତ ଋଣଗ୍ରହୀତାଙ୍କ ବିରୁଦ୍ଧରେ ସୁରକ୍ଷିତ ଋଣଦାତା ଭାବେ ବ୍ୟାଙ୍କ ଅଫ୍ ବରୋଦା ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡ଼ିମାଣ୍ଡ ନୋଟିସ୍ ଜାରି କରାଗଲା ।

| ଅଁଳାବେରଣୀ ଶାଖା / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ /ନୋଟିସ୍ ଫେରସ୍ତ କାରଣ | ଋଣ ପରିମାଣ (ଟଙ୍କାରେ) | ସୁଧ ହାର | ବକେୟା ପରିମାଣ |
|---|---|---|---|---|
| ଋଣଗ୍ରହୀତାମାନେ: ୧) ରଞ୍ଜନ କୁମାର ସାହୁ, ୨) ମହୁର ସାହୁ, ପିତା: ⁄ପଳଉ ସାହୁ, ଉଭୟଙ୍କ ଠିକଣା - ସା/ପୋ: ଅଁଳାବେରଣୀ, ଥାନା: ତୁମୁସିହାଁ, ଜିଲ୍ଲା: ଢେଙ୍କାନାଳ, ପିନ୍ - ୭୫୯୦୨୬ | ୩୦.୧୦.୨୦୨୩ / ୩୧.୧୦.୨୦୨୩ / ଋଣଗ୍ରହୀତା ତାଙ୍କ ଠିକଣାରେ ଉପସ୍ଥିତ ନାହାଁନ୍ତି | ୧)ଗୃହ ଋଣ: ଟ.୧୦.୦୦ ଲକ୍ଷ ୨) ପିଏମ୍‌ଏମ୍‌ୱାଇ ଋଣ: ଟ.୨.୦୦ ଲକ୍ଷ ୩) କ୍ୟାଶକ୍ରେଡିଟ୍ ଜେନେରାଲ: ଟ.୬.୦୦ ଲକ୍ଷ ୪)ବିଜିଇସିଏଲ୍: ଟ.୧.୧୮ ଲକ୍ଷ | ୧) ୯.୩୫% ୨) ୧୧.୫% ୩) ୧୧.୩୫% ୪) ୯.୨୫% | ୧) ଟ. ୯,୮୩,୭୩୪.୦୩ ୨) ଟ. ୧,୩୯,୩୭୭.୬୮ ୩) ଟ. ୫,୯୮,୯୩୭.୦୫ ୪) ଟ. ୩୬,୬୯୬.୨୧ ୩୦.୧୦.୨୦୨୩ ସୁଦ୍ଧା ସମୁଦାୟ: ଟ.୧୭,୫୮,୭୪୪.୯୭ (୩୦.୧୦.୨୦୨୩ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) |

ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ: ମହୁର ସାହୁ, ପିତା: ⁄ପଳଉ ସାହୁଙ୍କ ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ଅଁଳାବେରଣୀ, ଥାନା: କାମାକ୍ଷାନଗର, ଥାନା ନଂ.: ୨୪୨, ମ୍ୟୁଟେସନ୍ ଖାତା ନଂ.: ୩୨୫/୧୯୪, ମ୍ୟୁଟେସନ୍ ପ୍ଲଟ୍ ନଂ.: ୧୮୪୬/୩୦୭୭, କ୍ଷେତ୍ର: ଏକର ୦.୨୩୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିଜସ୍ୱ, ଦକ୍ଷିଣ: ଦୁର୍ଗା ଚରଣ ପଣ୍ଡା ଏବଂ ଅନ୍ୟମାନେ, ପୂର୍ବ: ନିଜସ୍ୱ, ପଶ୍ଚିମ: ରାସ୍ତା

ଉପର ସାରଣୀରେ ଦର୍ଶିତ ଆମ୍ଭ ଶାଖାରୁ ଚୁକ୍ତିନାମା ହାରରେ ପରବର୍ତ୍ତୀ ସୁଧ ସହିତ ଦର୍ଶିତ ଋଣ ରାଶି ପରିଶୋଧ କରିବାରେ ଆପଣ ବିଫଳ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା । ରେଜିଷ୍ଟ୍ରି ଡ଼ାକ ଯୋଗେ ଡିମାଣ୍ଡ ନୋଟିସ ଆପଣମାନଙ୍କ ନିକଟକୁ ପଠାଯାଇଥିଲେ ମଧ ତାହା ଉପରୋକ୍ତ କାରଣ ଦର୍ଶାଯାଇ ଫେରସ୍ତ ଆସିଛି। ଆପଣ ବକେୟା ଦେୟ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି । ଏଣୁ ଏହି ନୋଟିସ୍‌ର ୬୦ଦିନ ମଧ୍ୟରେ ସୁଧ ସହିତ ସମସ୍ତ ଦେୟ ପରିଶୋଧ ପାଇଁ ଆପଣମାନଙ୍କୁ କୁହାଯାଉଛି । ଏଥିରେ ଖିଲାପ କଲେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ସୁରକ୍ଷିତ ସମ୍ପତ୍ତି ଉପରେ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଅନୁଯାୟୀ ଅଧିକାର ସାବ୍ୟସ୍ତ କରିବାକୁ ବାଧ୍ୟ ହେବ। ଏତଦ୍‌ଦ୍ୱାରା ଆପଣଙ୍କୁ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଆପଣ କଥିତ ଆକ୍ଟର ଧାରା ୧୩ର ଉପଧାରା (୧୩) ଅନୁସାରେ ଉପର ଦର୍ଶିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବ୍ୟାଙ୍କର ଲିଖିତ ସହମତି ବିନା ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। ପୁନଶ୍ଚ ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସର୍ବସାଧାରଣ ନିଲାମ/କୋଟେସନ ଆହ୍ୱାନ/ଟେଣ୍ଡର/ଘରୋଇ ଚୁକ୍ତି ମାଧ୍ୟମରେ ସମ୍ପତ୍ତି ବିକ୍ରୟ ନୋଟିସ ପ୍ରକାଶନର ଯେକୌଣସି ସମୟ ପୂର୍ବରୁ ବ୍ୟାଙ୍କକୁ ସମସ୍ତ ବକେୟା ରାଶି ସହିତ ସୁଧ, ଖର୍ଚ୍ଚ, ଦେୟ ଇତ୍ୟାଦି ପୈଠ କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରନ୍ତି, କଥିତ କି ଉପରୋକ୍ତ ନୋଟିସ ପ୍ରକାଶନ ପରେ ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବାର ଅଧିକାର ଉପଲବ୍ଧ ହେବ ନାହିଁ। ଏହି ନୋଟିସ୍ ଆଇନତଃ ନିରପେକ୍ଷ ତଥା ବ୍ୟାଙ୍କ ଦ୍ୱାରା ଆରମ୍ଭ ହେବାକୁ ଥିବା ଆଇନ୍‌ଗତ ପଦକ୍ଷେପ ସମୂହକୁ ପ୍ରତିହତ କରିବ ନାହିଁ ।

ସ୍ଥାନ: କଟକ, ତାରିଖ: ୧୫.୧୧.୨୦୨୩ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଆକାଶ


@ ମଳୟ


@ ମୁନୁ


@ ପ୍ରଭଞ୍ଜନ


@ ସଦାନନ୍ଦ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସାତକୋଶିଆ ବାଲୁକା ଟେଣ୍ଟ ଉଦ୍‌ଘାଟିତ

**ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ**

- ମହାନଦୀର ବାଲିରେ ରାତିର ମଜା ଉଠାଇବେ ପର୍ଯ୍ୟଟକ
- ଶଗଡ଼,ଲାଇଟ୍ ଗେଟ୍ ଆକର୍ଷଣର କେନ୍ଦ୍ରବିନ୍ଦୁ

ଗଣିଆ,୧୫।୧୧(ସନ୍ତୋଷ କୁମାର ପ୍ରଧାନ)

ନୟାଗଡ଼ ଜିଲା ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ବନାଞ୍ଚଳର ବଡ଼ମୂଳ ମଙ୍ଗାନାସୀଠାରେ ରହିଛି ପରିବେଶ ପର୍ଯ୍ୟଟନ କେନ୍ଦ୍ର ମଙ୍ଗାନାସୀ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ। ବିଶେଷକରି ମହାନଦୀର ବାଲୁକା ଶଯ୍ୟାରେ ରାତ୍ରିଯାପନର ମଜ୍ଜା ନେଇପାରିବେ ପର୍ଯ୍ୟଟକ । ବର୍ଷସାରା ଏହି ପର୍ଯ୍ୟଟନ କେନ୍ଦ୍ରରେ ଶୀତତାପ ନିୟନ୍ତ୍ରିତ ୩ଟି କଟେଜ୍ ଓ ୪ଟି ତମ୍ବୁ କଟେଜ୍ ପର୍ଯ୍ୟଟକଙ୍କ ପାଇଁ ଖୋଲାରହିଛି। ଏତଦ୍‌ବ୍ୟତୀତ ପ୍ରତିବର୍ଷ ପରି ଚଳିତବର୍ଷ ମହାନଦୀର ବାଲୁକା ଶଯ୍ୟା ଉପରେ ବୁଧବାର ୧୬ଟି ଅଣ ଶୀତତାପ ନିୟନ୍ତ୍ରିତ ବାଲୁକା ଟେଣ୍ଟକୁ ଉଦ୍‌ଘାଟନ କରାଯାଇଛି। ତେବେ ଚଳିତ ବର୍ଷ ପ୍ରଥମ ଥର ପାଇଁ କାଠରେ ନିର୍ମିତ ଶଗଡ଼, ଲାଇଟ୍ ଗେଟ୍ ଓ ଆଇ ଲଭ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ଏହି ପର୍ଯ୍ୟଟନ କେନ୍ଦ୍ରର ମୁଖ୍ୟ ଆକର୍ଷଣ ପାଲଟିଛି । ବିଶେଷକରି ବିଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ନୂତନ ଢଙ୍ଗରେ ସ୍ୟାଣ୍ଡ ରିସୋର୍ଟକୁ ସାଜସଜ୍ଜା କରାଯାଇଛି।

ଉଦ୍‌ଘାଟନୀ ଉତ୍ସବରେ ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଫାଲଗୁନୀ ସାରଥୀ ମଲିକ ଓ ନୟାଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେଇ ଉକ୍ତ ବାଲୁକା ଟେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସିଏଫ୍ ସୁଦୀପ୍ତି ମହାପାତ୍ର, ଛାମୁଣ୍ଡିଆ ବନାଞ୍ଚଳ ଅଧିକାରୀ ମୌସୁମୀ ବେହେରା, ସ୍ୟାଣ୍ଡ ରିସୋର୍ଟ ମ୍ୟାନେଜର ହରିହର ପ୍ରଧାନ ଉପସ୍ଥିତ ଥିଲେ । ବୁଧବାର ପୂର୍ବାହ୍ନରେ ପର୍ଯ୍ୟଟନ କେନ୍ଦ୍ର ପରିସରରେ ପୂଜାର୍ଚ୍ଚନା କରାଯିବା ପରେ ଆସିଥିବା ଅତିଥି ଓ ପର୍ଯ୍ୟଟକମାନଙ୍କୁ ଚନ୍ଦନ ଟିପା ଲଗାଯିବା ସହ ଫୁଲତୋଡା ଦେଇ ସ୍ୱାଗତ କରାଯାଇଥିଲା । ଏହି ପର୍ଯ୍ୟଟନ କେନ୍ଦ୍ରକୁ ପରିଚାଳନା କରୁଥିବା ମା’ ସାତଭଉଣୀ ପରିବେଶ ବିକାଶ ସମିତିର ସଭ୍ୟାସଭ୍ୟମାନଙ୍କ ଦ୍ୱାରା ଝୋଟିଚିତା, ରଙ୍ଗବେରଙ୍ଗ ଫୁଲ ଓ ବେଲୁନରେ ଆକର୍ଷଣୀୟ ଭାବେ ସାଜସଜ୍ଜା କରାଯାଇଥିଲା । ଉକ୍ତ ପର୍ଯ୍ୟଟନ କେନ୍ଦ୍ରକୁ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ପୂର୍ବପରି ଖାଦ୍ୟ, ଜଙ୍ଗଲ ଟ୍ରେକିଂ, ସାଇକେଲିଂ, କ୍ୟାନୋପି ୱାକ୍, କ୍ୟାମ୍ପ ଫାୟାର, ସ୍ଥାନୀୟ ଲୋକନୃତ୍ୟ, ଖେଳ ସୁବିଧା, ଚିଲଡ୍ରେନସ୍ ପାର୍କ ରହିଛି । ବାଲୁକା ଶଯ୍ୟା ଉପରେ ପର୍ଯ୍ୟଟକମାନଙ୍କ ଆମୋଦପ୍ରମୋଦ ପାଇଁ ସିମେଣ୍ଟ ଚୌକି, ଛତା, ମହାନଦୀରେ ସୁରକ୍ଷିତ ସନ୍ତରଣ ସୁବିଧା ଓ ସାତକୋଶିଆ ଗଣ୍ଡରେ ବୋଟିଂ ସମୟରେ ବିଭିନ୍ନ ପକ୍ଷୀ, କୁମ୍ଭୀର ଦେଖିବା ସହ ଜେଟିରେ ବସି ସେଲ୍ଫି ନେବାର ବ୍ୟବସ୍ଥା କରାଯାଇଛି ।



ସାତକୋଶିଆ ସ୍ୟାଣ୍ଡ ରିସୋର୍ଟରେ ତିଆରି ହୋଇଥିବା ଟେଣ୍ଟ।



ପର୍ଯ୍ୟଟକଙ୍କୁ ସ୍ୱାଗତ ପାଇଁ ରଖଯାଇଥିବା ଚିତ୍ରିତ ଶଗଡ଼ ଚକ।


ବାଲୁକା ଶଯ୍ୟାରେ ଥିବା ଖାଦ୍ୟ ଷ୍ଟଲ।

# କନିଷ୍ଠ ଯନ୍ତ୍ରୀ ପଦବୀ ଖାଲି ଯୋଗୁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

ଖଣ୍ଡପଡ଼ା,୧୫।୧୧(ଅଜୟ କୁମାର ମହାରଣା)

ଗତ ୧ ମାସ ଧରି ଖଣ୍ଡପଡ଼ା ବ୍ଲକରେ କାର୍ଯ୍ୟରତ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ପଦବୀ ଖାଲି ପଡିଛି। ଫଳରେ କାର୍ଯ୍ୟାଳୟ ପରିଚାଳନାରେ ସମସ୍ୟା ସୃଷ୍ଟି ହେବା ସହ ଉନ୍ନୟନ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଉକ୍ତ ପଦବୀରେ କାର୍ଯ୍ୟ କରୁଥିବା କନିଷ୍ଠଯନ୍ତ୍ରୀ ମହେନ୍ଦ୍ର କୁମାର ମହାପାତ୍ରଙ୍କ ଅନ୍ୟତ୍ର ବଦଳି ପରେ ତାଙ୍କ ସ୍ଥାନରେ ଏଠାରେ ଆଉ କାହାରିକି ଅଦ୍ୟାବଧି ନିଯୁକ୍ତି ଦିଆଯାଇ ନାହିଁ । ଖଣ୍ଡପଡ଼ା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କାର୍ଯ୍ୟାଳୟର ସେକ୍ସନ-୧ ରେ କାର୍ଯ୍ୟରତ ବରିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ହୋତା ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟରେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି । ଜଣେ ପ୍ରଶାସନିକ ଅଧିକାରୀ ଏକ ସଙ୍ଗରେ ୨ଟି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଉଥିବାରୁ ନାନା ସମସ୍ୟା ସୃଷ୍ଟି ହେଉଛି। ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟରେ ଜଣେ ଦକ୍ଷ କନିଷ୍ଠ ଯନ୍ତ୍ରୀଙ୍କୁ ତୁରନ୍ତ ନିଯୁକ୍ତି ଦେବାକୁ ସାଧାରଣରେ ଦାବି ହେଉଛି ।

**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack -753015, Odisha

**QUOTATION CALL NOTICE FOR SUPPLY OF MOSQUITO NET (ALUMINIUM) FOR WINDOWS OF HOSTELS AT NLUO, CUTTACK**

Sealed quotations in prescribed format are invited for "**Supply of Mosquito Net (Aluminium) for windows of hostels**" at NLUO Cuttack. Last date & time of receipt is **23.11.2023 at 11.00AM.** For details please visit website: **www.nluo.ac.in**.

Sd/- Registrar

# ୧୭ରେ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା

ଖଣ୍ଡପଡ଼ା,୧୫।୧୧(ଅଜୟ କୁମାର ମହାରଣା): ଆସନ୍ତା ୧୭ ତାରିଖରେ ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମସ୍ଥିତ ଗୋକୁଳାନନ୍ଦ ଜୀଉ ବିଦ୍ୟାମନ୍ଦିର ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହେବ । ଏ ନେଇ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ଖଣ୍ଡପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏ ସମ୍ପର୍କରେ ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକୁ ସୂଚନା ପ୍ରଦାନ କରାଯାଇଛି। ଏ ପରିପ୍ରେକ୍ଷୀରେ ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବିଇଓ କୈଳାସ ଚନ୍ଦ୍ର କରଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରସ୍ତୁତି ବୈଠକରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ନନ୍ଦ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନାରାୟଣ ଦାଶ, ପ୍ରଦୀପ୍ତ କୁମାର ସାହୁ, ବରିଷ୍ଠ ବିଜ୍ଞାନ ଶିକ୍ଷକ ବସନ୍ତ କୁମାର ସାହୁଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ।

# ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ ମେଳା

ଶରଣକୁଳ,୧୫।୧୧(ଦୀପକ କର)

ଶରଣକୁଳ ନିକଟବର୍ତ୍ତୀ ଗୋଡିସାହିସ୍ଥିତ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ପରିଚାଳକ ପ୍ରଦୋଷ କୁମାର ମହାନ୍ତି, ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସାମନ୍ତ, ଶିକ୍ଷାବିତ୍ ସୁଦର୍ଶନ ନାୟକ, ବିଜ୍ଞାନ ଶିକ୍ଷକ ପ୍ରକାଶ କୁମାର ସାହୁ, ରମେଶ ପ୍ରସାଦ ଦଳବେହେରା, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିଥିଲେ। ସେଥିମଧ୍ୟରୁ ସ୍ୱୟମ ମହାନ୍ତି, ରାଜବୀର୍ ମିଶ୍ର, ବିଭୁଦତ୍ତ ମହାପାତ୍ର, ସାଇଆଶୁତୋଷ ନନ୍ଦ, କେ.ଆର୍ ଶର୍ମିଷ୍ଠ, ନର୍ମଦା ପ୍ରଧାନ, ସ୍ୱର୍ଣ୍ଣଲତା ମୁଦୁଲି, ମୋହନ ଚନ୍ଦ୍ର ପ୍ରଧାନ, ଆଦ୍ୟଶକ୍ତି ନନ୍ଦ, ଶୁଭ୍ରାଂଶୁ ଶେଖର ବଡତିଆଙ୍କ ପ୍ରକଳ୍ପ ପୁରସ୍କୃତ ହୋଇଥିଲା। ଅନ୍ୟ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଚିତ୍ରାଙ୍କନ, ପ୍ରବନ୍ଧ, ହସ୍ତାକ୍ଷର, ନୃତ୍ୟ ପ୍ରତିଯୋଗିତାରେ ଶୁଭମ ସାହୁ, ଦୀପ୍ତି ରଞ୍ଜନ ଖଟେଇ ଓ ବିଷ୍ଣୁପ୍ରିୟା ପ୍ରଧାନ, ଶାଳିନୀ ପ୍ରଧାନ, ସାଇଶ୍ରୀୟା ପ୍ରିୟଦର୍ଶନୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ବାଉରୀବନ୍ଧୁ ବେହେରା ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।


ଛାତ୍ରୀମାନେ ନିଜ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା,
ମହର୍ଷି କଲେଜ ରୋଡ, ସହୀଦ ନଗର, ଭୁବନେଶ୍ୱର, ଫୋନ୍ ନଂ.: ୦୬୭୪-୨୫୪୯୬୬୩, ୨୫୪୯୬୧୨,
ଫ୍ୟାକ୍ସ ନଂ.: ୦୬୭୪-୨୫୪୯୭୧୩, ଇ-ମେଲ ଆଇଡି: sbi.05174@sbi.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ।

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟର ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି ଭିତ୍ତିରେ"** ତା.୨୨.୧୨.୨୦୨୩ରିଖି ଦିନ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି, ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

**ଇ-ନିଲାମ ତାରିଖ ଏବଂ ସମୟ: ତା.୨୨.୧୨.୨୦୨୩ ରିଖ ଅପରାହ୍ନ ୦୨.୦୦ ଘଟିକାରୁ ଅପରାହ୍ନ ୦୪.୦୦ ଘଟିକା ମଧ୍ୟରେ, ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ**

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିଗୁଡିକର ବିବରଣୀ ଏବଂ ସମ୍ପତ୍ତିଗୁଡିକର ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ଇନ୍ଦୁମତୀ ଲେଙ୍କା, ସ୍ୱାମୀ: ଯୁଧିଷ୍ଠିର ଲେଙ୍କା, ୨) ଶ୍ରୀ ନିଗମଜ୍ୟୋତି ଲେଙ୍କା, ଉଭୟଙ୍କ ଠିକଣା - ସା: ଚୁଡଙ୍ଗ ସାହି, ପୁରୀ, ବଡୁମହାପାତ୍ର ଜାଗା ନିକଟ, ପିନ୍ - ୭୫୨୦୦୧ | ଶ୍ରୀମତୀ ଇନ୍ଦୁମତୀ ଲେଙ୍କା, ସ୍ୱାମୀ: ଯୁଧିଷ୍ଠିର ଲେଙ୍କାଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ମାର୍କଣ୍ଡେଶ୍ୱର ସାହି ନଂ.: ୧ (ସାବିକ ମୌଜା: ଚୁଡଙ୍ଗ ସାହି-୧), ତହସିଲ/ଥାନା/ଜିଲ୍ଲା: ପୁରୀ, ଓଡିଶା, ମ୍ୟୁଟେଡ୍ ଖାତା ନଂ.: ୬୪୦/୪୪, ମ୍ୟୁଟେଡ୍ ପ୍ଲଟ୍ ନଂ.: ୭୬୨/୧୫୦୭, କ୍ଷେତ୍ର: ଏକର ୦.୦୧୮୫ ଡିସିମିଲି, ଥାନା: ପୁରୀ ଟାଉନ୍, ଜିଲ୍ଲା: ପୁରୀ | ୦୬.୧୦.୨୦୨୨ ସୁଦ୍ଧା ଟ.୪୭,୩୫,୩୫୬/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୦୬.୧୦.୨୦୨୨ | ଟ.୩୩,୬୧,୦୦୦/- / ଟ.୩,୩୬,୧୦୦/- / ଟ.୫୦,୦୦୦/- |
| ୨. | ଋଣଗ୍ରହୀତା: ଶ୍ରୀ ସୂର୍ଯ୍ୟନାରାୟଣ ଚୌଧୁରୀ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ରାଜଶ୍ରୀ ଚୌଧୁରୀ, ଉଭୟଙ୍କ ଠିକଣା-ସା: ବାସେଳି ସାହି, ପୋ: ପୁରୀ, ଲୋକନାଥ ରୋଡ, ନୀଳମାଧବ ଲେନ୍, ପୁରୀ, ପିନ୍ - ୭୫୨୦୦୧ | ଶ୍ରୀ ସୂର୍ଯ୍ୟନାରାୟଣ ଚୌଧୁରୀଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ପୁରୀ ସହର ୟୁନିଟ୍ - ୩, ମଙ୍ଗଳାଘାଟ, ତହସିଲ: ପୁରୀ, ଥାନା: ପୁରୀ ଟାଉନ୍, ଜିଲ୍ଲା: ପୁରୀ, ଖାତା ନଂ.: ୩୨୭, ପ୍ଲଟ୍ ନଂ.: ୧୫୪/୮୪୬, କ୍ଷେତ୍ର: ଏକର ୦.୦୧୧ ଡିସିମିଲି ଏବଂ ଶ୍ରୀମତୀ ରାଜଶ୍ରୀ ଚୌଧୁରୀଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୪୦୦/୧୦୦, ପ୍ଲଟ୍ ନଂ.: ୧୫୪/୧୦୬୯, କ୍ଷେତ୍ର: ଏକର ୦.୦୧୧ ଡିସିମିଲି, ୨ଟି ପ୍ଲଟ୍, ସମୁଦାୟ କ୍ଷେତ୍ର: ଏକର ୦.୦୨୨ ଡିସିମିଲି | ୦୨.୦୩.୨୦୨୩ ସୁଦ୍ଧା ଟ.୨୩,୦୧,୬୩୩/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୦୨.୦୩.୨୦୨୩ | ଟ.୩୯,୨୯,୦୦୦/- / ଟ.୩,୯୨,୯୦୦/- / ଟ.୫୦,୦୦୦/- |

ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଓ ସମୟ: ୨୦.୧୨.୨୦୨୩, ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୬) ଏବଂ ୯(୧) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ:
www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in ଏବଂ
ନିଲାମ ପାଇଁ ଲଗ୍‌ଇନ୍ କରନ୍ତୁ : https://www.mstcecommerce.com/auctionhome/ibapi/index.jsp

ପରବର୍ତ୍ତୀ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ:
ଶ୍ରୀ ଆଶିଷ କୁମାର ମହାନ୍ତି (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୯୪୩୭୫୫୨୫୩୫, ସିସିଓ: ଶ୍ରୀ କେଶବ ଚନ୍ଦ୍ର ମଲ୍ଲିକ, ମୋ.: ୯୪୩୭୯୫୩୬୪୨

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୫.୧୧.୨୦୨୩ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର

बैंक ऑफ़ बड़ौदा Bank of Baroda

**କ୍ଷେତ୍ରୀୟ କାର୍ଯ୍ୟାଳୟ : କଟକ**
୨ୟ ମହଲା, ଚଳଚ୍ଚିତ୍ର ଭବନ, ବକ୍ସିବଜାର, କଟକ, ଓଡ଼ିଶା-୭୫୩୦୦୧,
ମୋ: ୮୦୯୩୦୪୭୨୧୮, ଇମେଲ୍: legal.cuttack@bankofbaroda.com

**ଡିମାଣ୍ଡ ନୋଟିସ୍** (ସରଫେଶୀ ଆକ୍ଟ ୨୦୦୨ ଧାରା ୧୩ର ଉପଧାରା (୨) ଅନୁଯାୟୀ)

ଶାଖାର ନିମ୍ନଲିଖିତ ଋଣଗ୍ରହୀତାଙ୍କ ବିରୁଦ୍ଧରେ ସୁରକ୍ଷିତ ଋଣଦାତା ଭାବେ **ବ୍ୟାଙ୍କ ଅଫ୍ ବରୋଦା** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡ଼ିମାଣ୍ଡ ନୋଟିସ୍ ଜାରି କରାଗଲା ।

| ଅଁଳାବେରଣୀ ଶାଖା / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ /ନୋଟିସ୍ ଫେରସ୍ତ କାରଣ | ଋଣ ପରିମାଣ (ଟଙ୍କାରେ) | ସୁଧ ହାର | ବକେୟା ପରିମାଣ |
|---|---|---|---|---|
| ଋଣଗ୍ରହୀତାମାନେ: ୧) ରଞ୍ଜନ କୁମାର ସାହୁ, ୨) ମହୁର ସାହୁ, ପିତା: ୰ପଲଉ ସାହୁ, ଉଭୟଙ୍କ ଠିକଣା - ସା/ପୋ: ଅଁଳାବେରଣୀ, ଥାନା: ତୁମୁସିହାଁ, ଜିଲ୍ଲା: ଢେଙ୍କାନାଳ, ପିନ୍ - ୭୫୯୦୨୬ | ୩୦.୧୦.୨୦୨୩ / ୩୧.୧୦.୨୦୨୩ / ଋଣଗ୍ରହୀତା ତାଙ୍କ ଠିକଣାରେ ଉପସ୍ଥିତ ନାହାଁନ୍ତି | ୧)ଗୃହ ଋଣ: ଟ.୧୦.୦୦ ଲକ୍ଷ<br>୨) ପିଏମ୍‌ଏମ୍‌ୱାଇ ଋଣ: ଟ.୨.୦୦ ଲକ୍ଷ<br>୩) କ୍ୟାଶକ୍ରେଡିଟ୍ ଜେନେରାଲ: ଟ.୬.୦୦ ଲକ୍ଷ<br>୪)ବିଜିଇସିଏଲ୍: ଟ.୧.୧୮ ଲକ୍ଷ | ୧) ୯.୩୫%<br>୨) ୧୧.୫%<br>୩) ୧୧.୩୫%<br>୪) ୯.୨୫% | ୧) ଟ. ୯,୮୩,୭୩୪.୦୩<br>୨) ଟ. ୧,୩୯,୩୭୭.୬୮<br>୩) ଟ. ୫,୯୮,୯୩୭.୦୫<br>୪) ଟ. ୩୬,୬୯୬.୨୧<br>୩୦.୧୦.୨୦୨୩ ସୁଦ୍ଧା ସମୁଦାୟ: ଟ.୧୭,୫୮,୭୪୪.୯୭ (୩୦.୧୦.୨୦୨୩ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) |

**ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ:** **ମହୁର ସାହୁ,** ପିତା: ୰ପଲଉ ସାହୁଙ୍କ ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ଅଁଳାବେରଣୀ, ଥାନା: କାମାକ୍ଷାନଗର, ଥାନା ନଂ.: ୨୪୨, ମ୍ୟୁଟେସନ୍ ଖାତା ନଂ.: ୩୨୫/୧୯୪, ମ୍ୟୁଟେସନ୍ ପ୍ଲଟ୍ ନଂ.: ୧୮୪୬/୩୦୭୭, କ୍ଷେତ୍ର: ଏକର ୦.୨୩୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିଜସ୍ୱ, ଦକ୍ଷିଣ: ଦୁର୍ଗା ଚରଣ ପଣ୍ଡା ଏବଂ ଅନ୍ୟମାନେ, ପୂର୍ବ: ନିଜସ୍ୱ, ପଶ୍ଚିମ: ରାସ୍ତା

ଉପର ସାରଣୀରେ ଦର୍ଶିତ ଆମ ଶାଖାରୁ ଚୁକ୍ତିନାମା ହାରରେ ପରବର୍ତ୍ତୀ ସୁଧ ସହିତ ଦର୍ଶିତ ଋଣ ରାଶି ପରିଶୋଧ କରିବାରେ ଆପଣ ବିଫଳ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା । ରେଜିଷ୍ଟ୍ରି ଡ଼ାକ ଯୋଗେ ଡିମାଣ୍ଡ ନୋଟିସ ଆପଣମାନଙ୍କ ନିକଟକୁ ପଠାଯାଇଥିଲେ ମଧ୍ୟ ତାହା ଉପରୋକ୍ତ କାରଣ ଦର୍ଶାଯାଇ ଫେରସ୍ତ ଆସିଛି। ଆପଣ ବକେୟା ଦେୟ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି । ଏଣୁ ଏହି ନୋଟିସ୍‌ର **୬୦ଦିନ** ମଧ୍ୟରେ ସୁଧ ସହିତ ସମସ୍ତ ଦେୟ ପରିଶୋଧ ପାଇଁ ଆପଣମାନଙ୍କୁ କୁହାଯାଉଛି । ଏଥିରେ ଖିଲାପ କଲେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ସୁରକ୍ଷିତ ସମ୍ପତ୍ତି ଉପରେ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଅନୁଯାୟୀ ଅଧିକାର ସାବ୍ୟସ୍ତ କରିବାକୁ ବାଧ୍ୟ ହେବ। ଏତଦ୍‌ଦ୍ୱାରା ଆପଣଙ୍କୁ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଆପଣ କଥିତ ଆକ୍ଟର ଧାରା ୧୩ର ଉପଧାରା (୧୩) ଅନୁସାରେ ଉପର ଦର୍ଶିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବ୍ୟାଙ୍କର ଲିଖିତ ସହମତି ବିନା ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। ପୁନଶ୍ଚ ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସର୍ବସାଧାରଣ ନିଲାମ/କୋଟେସନ ଆହ୍ୱାନ/ଟେଣ୍ଡର/ଘରୋଇ ଚୁକ୍ତି ମାଧ୍ୟମରେ ସମ୍ପତ୍ତି ବିକ୍ରୟ ନୋଟିସ ପ୍ରକାଶନର ଯେକୌଣସି ସମୟ ପୂର୍ବରୁ ବ୍ୟାଙ୍କକୁ ସମସ୍ତ ବକେୟା ରାଶି ସହିତ ସୁଧ, ଖର୍ଚ୍ଚ, ଦେୟ ଇତ୍ୟାଦି ପୈଠ କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରନ୍ତି, କଥିତ କି ଉପରୋକ୍ତ ନୋଟିସ ପ୍ରକାଶନ ପରେ ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବାର ଅଧିକାର ଉପଲବ୍ଧ ହେବ ନାହିଁ। ଏହି ନୋଟିସ୍ ଆଇନତଃ ନିରପେକ୍ଷ ତଥା ବ୍ୟାଙ୍କ ଦ୍ୱାରା ଆରମ୍ଭ ହେବାକୁ ଥିବା ଆଇନ୍‌ଗତ ପଦକ୍ଷେପ ସମୂହକୁ ପ୍ରତିହତ କରିବ ନାହିଁ ।

ସ୍ଥାନ: କଟକ, ତାରିଖ: ୧୫.୧୧.୨୦୨୩ କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

## ସଂକ୍ଷେପରେ

### ଦଧିବାମନ ଜୀଉ ସଂସ୍କୃତ ମହାବିଦ୍ୟାଳୟ ପାଠାଗାର ଉଦ୍‌ଘାଟିତ

**ଧର୍ମଶାଳା,୧୫।୧୧(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକ ଉତ୍ତରପ୍ରତାପ ପଞ୍ଚାୟତ ନରସିଂହପୁରସ୍ଥିତ ଶ୍ରୀଦଧିବାମନ ଜୀଉ ସଂସ୍କୃତ ମହାବିଦ୍ୟାଳୟର ନୂତନ ପାଠାଗାର ଉଦ୍‌ଘାଟିତ ହୋଇଯାଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ନୂତନ ପାଠାଗାର ନିର୍ମାଣ କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପାଠାଗାରକୁ ଉଦ୍‌ଘାଟନ କରିଛନ୍ତି। ବ୍ଲକ୍ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନିର୍ବାଚନମଣ୍ଡଳୀ ସଭାପତି ଜଳଧର ସାହୁ, ଜିଲା ପରିଷଦ ସଦସ୍ୟ ଚକ୍ରଧର ବେହେରା, ପୂର୍ବତନ ଜିଲା ପରିଷଦ ସଦସ୍ୟା ମମତା ଦଣ୍ଡପାଟ, ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ଗୌତମ ସାହୁ, ପଞ୍ଚାୟତ ସମିତି ସଦସ୍ୟା କ୍ଷୀରାବ୍ଧି ତନୟା ମଲ୍ଲିକ, ସରପଞ୍ଚ ନିମାଇଁ ମଲ୍ଲିକ, ପ୍ରତିଷ୍ଠାତା ସଦସ୍ୟ ଭୀମସେନ ତରେଇ, ଦାମୋଦର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ତରେଇ ଓ ବଟକୃଷ୍ଣ ରାଉତ ପ୍ରମୁଖ ଯୋଗଦେଇ ପାଠାଗାର ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ସୁରେଶ ଚନ୍ଦ୍ର ଲେଙ୍କା ଧନ୍ୟବାଦ ଦେଇଥିଲେ।

# ୨୪ ମୃତକଙ୍କ ଭତ୍ତା ଟଙ୍କା ଆତ୍ମସାତ୍

## ୪ ପିଇଓଙ୍କୁ ୨ ଲକ୍ଷ ୨୮ ହଜାର ୫୦୦ ଟଙ୍କା ଫେରାଇବାକୁ ନିର୍ଦ୍ଦେଶ

**ଯାଜପୁର,୧୫।୧୧(ହର୍ଷବର୍ଦ୍ଧନ ବେହେରା)** ଯାଜପୁର ଜିଲାରେ ତୃଣମୂଳଠାରୁ ଆରମ୍ଭ କରି ଉଚ୍ଚପଦସ୍ଥ କେତେଜଣ ଅଧିକାରୀ ହରିଲୁଟ କରୁଛନ୍ତି । ଏହି ଘଟଣା ଏବେ ସମାଜ ପାଇଁ ଚିନ୍ତାର କାରଣ ହୋଇଛି। ଜିଲାର ଦଶରଥପୁର ବ୍ଲକ ଅନ୍ତର୍ଗତ ବିରିପଟା ଗ୍ରାମ ପଞ୍ଚାୟତକୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ଏହି ପଞ୍ଚାୟତର ୨୪ ଜଣ ଭୂତ ଅବା ମୃତ ବ୍ୟକ୍ତିଙ୍କ ନାମରେ ବିଭିନ୍ନ ଯୋଜନାରେ ଭତ୍ତା ଉଠାଯାଇଛି। ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହେବା ପରେ ୪ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ସ୍ନିଗ୍ଧା ସାହୁ, ଶ୍ୟାମସୁନ୍ଦର ତିୟୁ, ସୂର୍ଯ୍ୟମଣି ପଟ୍ଟନାୟକ ଓ ବୀରେନ୍ଦ୍ର କୁମାର ମଲିକଙ୍କୁ ୨ ଲକ୍ଷ ୨୮ ହଜାର ୫୦୦ ଟଙ୍କା ଫେରସ୍ତ କରିବାକୁ ଦଶରଥପୁର ବିଡିଓ ନିର୍ଦ୍ଦେଶ ଜାରି କରିଛନ୍ତି। ଏହାବାଦ୍ ଉପରୋକ୍ତ ୪ ଅଧିକାରୀଙ୍କୁ ୩ ଦିନ ମଧ୍ୟରେ ଲିଖିତ ଭାବେ କାରଣ ଦର୍ଶାଇବାକୁ ଉକ୍ତ ନିର୍ଦ୍ଦେଶରେ ଦର୍ଶାଇଛନ୍ତି। ତେବେ ଉପରୋକ୍ତ ଦୁର୍ନୀତିଗ୍ରସ୍ତ ଅଧିକାରୀମାନଙ୍କୁ ସୁରକ୍ଷା ଦେବାକୁ ସବୁ ପ୍ରକାରର ଉଦ୍ୟମ ଚାଲିଥିବା ଅଞ୍ଚଳରେ ଏବେ ଚର୍ଚ୍ଚାର ବିଷୟ ହୋଇଛି।

ଅଭିଯୋଗ ଅନୁଯାୟୀ, ଦଶରଥପୁର ବ୍ଲକରେ ପ୍ରାୟ ୪ ବର୍ଷ ମଧ୍ୟରେ ମୃତ ଭତ୍ତା ହିତାଧିକାରୀଙ୍କ ନାମକୁ ତାଲିକାରୁ ବାଦ୍ ନ ଦେଇ ସେମାନଙ୍କ ନାମରେ ଆସୁଥିବା ଅର୍ଥକୁ ଉପରୋକ୍ତ ଅଧିକାରୀମାନେ ଆତ୍ମସାତ୍ କରୁଥିଲେ। ଜିଲାସ୍ତରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଡିଜିଟାଲ ମାଧ୍ୟମରେ ଭତ୍ତା ପ୍ରଦାନ କରିବାକୁ ସରକାର ନିର୍ଦ୍ଦେଶ ଜାରି କରିଛନ୍ତି। ହେଲେ ଏବେ ବି ଜିଲାରେ ଭତ୍ତା ଟଙ୍କା ହରିଲୁଟ କରିବାକୁ କେତେଜଣ ଅସାଧୁ କର୍ମଚାରୀ ଡିଜିଟାଲ ମାଧ୍ୟମକୁ ଗ୍ରହଣ କରିବାକୁ ରାଜି ହୋଇନାହାନ୍ତି। ଏହି କ୍ରମରେ ନକଲି ଟିପ ଚିହ୍ନ ଦେଇ ମୃତବ୍ୟକ୍ତିଙ୍କ ନାମରେ ଭତ୍ତା ଉଠାଣ ହେଉଛି। ବିଭିନ୍ନ ଭତ୍ତା ଯୋଜନାରେ ହିତାଧିକାରୀ ପିଛା ମାସକୁ ୫୦୦, ୭୦୦ ଓ ୧୦୦୦ ଟଙ୍କା ଲେଖାଏଁ ଉଠାଣ ହୋଇଥିବା ଅଭିଯୋଗ ହୋଇଛି। ତେବେ ଜିଲାରେ ଏଭଳି ଭାବେ ଶତାଧିକ ମୃତ ହିତାଧିକାରୀଙ୍କ ନାମରେ ବାର୍ଦ୍ଧକ୍ୟ ଭତ୍ତା ହଡପ ହେଉଥିବା ମତପ୍ରକାଶ ପାଇଛି। ଏହାବାଦ୍ ପ୍ରକୃତ ହିତାଧିକାରୀ ଚିହ୍ନଟରେ ମଧ ଅନିୟମିତତା ହେଉଥିବାରୁ ଅନେକ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ରହିଥିବା ପୂର୍ବରୁ ଅଭିଯୋଗ ହୋଇସାରିଛି। ଏହି କ୍ରମରେ ସୂଚନା ଅଧିକାର ଆଇନ ତଥ୍ୟ ବଳରେ ମିଳିଥିବା ନଥିପତ୍ରକୁ ଆଧାର କରି ପଞ୍ଚାୟତବାସୀଙ୍କ ପକ୍ଷରୁ ଘନଶ୍ୟାମ ଜେନା ଓ ଅନ୍ୟମାନେ ଯାଜପୁର ଜିଲାପାଳଙ୍କ ନିକଟରେ ଅକ୍ଟୋବର ୧୨ରେ ଲିଖିତ ଅଭିଯୋଗ କରିଥିଲେ। ଜିଲାପାଳ ଏ ସମ୍ପର୍କରେ ତଦନ୍ତ ନିମନ୍ତେ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଗତ ୧୨।୧୦।୨୦୨୩ ରେ ନିର୍ଦ୍ଦେଶ ଦେଇଥିଲେ। ଯାହାକୁ ଆଧାର କରି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦଶରଥପୁର ବିଡିଓଙ୍କୁ ଆବଶ୍ୟକ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ପରାମର୍ଶ ଦେଇଥିଲେ । ଦଶରଥପୁର ବିଡିଓଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସ୍ୱାଧୀନ କ୍ରିଷ୍ଣାବାଳା ଅଭିଯୋଗ ସମ୍ପର୍କରେ ତଦନ୍ତ ପୂର୍ବକ ମୋଟ ୮୬ ଜଣ ହିତାଧିକାରୀଙ୍କ ମଧ୍ୟରୁ ୨୪ ହିତାଧିକାରୀଙ୍କ ମୃତ୍ୟୁ ପରେ ତାଙ୍କ ନାମରେ ଅର୍ଥ ଉଠା ଯାଇଥିବାର ପ୍ରମାଣ ପାଇଥିଲେ । ମୃତବ୍ୟକ୍ତିଙ୍କ ନାମରେ ଭତ୍ତା ଅର୍ଥ ହଡପ ହୋଇଥିବାର ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହେବାପରେ ସେ ଦଶରଥପୁର ବିଡ଼ିଓଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଏହାକୁ ଭିତ୍ତିକରି ବିଡ଼ିଓ ଆକାଶ ପଟ୍ଟନାୟକ ପତ୍ରସଂଖ୍ୟା ୬୦୫୬/୯।୧୧।୨୦୨୩ରେ ପିଇଓ ବୀରେନ୍ଦ୍ର ମଲିକଙ୍କୁ ୧ ଲକ୍ଷ ୧୨ ହଜାର ୨ ଶହ ଟଙ୍କା, ପିଇଓ ସ୍ନିଗ୍ଧା ସାହୁଙ୍କୁ ୫୮ ହଜାର ୫ ଶହ ଟଙ୍କା, ସୂର୍ଯ୍ୟମଣି ପଟ୍ଟନାୟକଙ୍କୁ ୫୪ ହଜାର ୧ ଶହ ଟଙ୍କା ଓ ଶ୍ୟାମସୁନ୍ଦର ଟିୟୁଙ୍କୁ ୩ ହଜାର ୭ ଶହ ଟଙ୍କା ବ୍ଲକ ପ୍ରଶାସନ ନିକଟରେ ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ବଡ଼ଚଣା ଓ ବିଞ୍ଝାରପୁର ବ୍ଲକରେ ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ଅର୍ଥ ହଡପ ହୋଇଥିବା ପ୍ରମାଣିତ ହୋଇଥିଲା। କିନ୍ତୁ ଦାୟିତ୍ୱରେ ଥିବା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ସୁରକ୍ଷା ଦେଇ କାର୍ଯ୍ୟାନୁଷ୍ଠାନକୁ କୋହଳ କରାଗଲା। ଫଳରେ ଜିଲାରେ ଏଭଳି ମୃତବ୍ୟକ୍ତିଙ୍କ ନାମରେ ଅର୍ଥ ହଡପ ଅଭିଯୋଗ ମାମଲା ବଢି ଚାଲିଛି ବୋଲି ମତପ୍ରକାଶ ପାଇଛି।


OFFICE OF THE PANCHAYAT SAMITI, DASARATHPUR

Email: - ori-dasrathpur@nic.in

Letter No. 6056 // Date 07-11-2023

To
Snigdha Sahoo, PEO
Shyamsundar Tiyu, PEO
Suryamani Pattnaik, PEO
Birendra Kumar Mallick, PEO

Sub: Deposit of recovery amount regarding disbursement of old age pension in Biripata GP under Dasarathpur Block.

Ref: Letter No. 1297 dtd. 16.10.2023 of DSSO, Jajpur

In inviting a reference to the letter on the subject cited above, the allegation filed by Ghanashyam Jena & Others of Biripata GP was enquired and it is ascertained that out of 86 nos. of beneficiaries, 24 nos. of beneficiaries have been paid by the Disbursing Officers after their death (report attached). Therefore, you are directed to deposit the recovery amount and submit written clarification to the undersigned on above issue within 3 days of receipt of this letter.

| Sl. No. | Name of the Disbursing Officer | Amount to be recovered |
|---|---|---|
| 1 | Snigdha Sahoo, PEO | Rs. 58,500/- |
| 2 | Shyamsundar Tiyu, PEO | Rs. 3,700/- |
| 3 | Suryamani Pattnaik, PEO | Rs. 54,100/- |
| 4 | Birendra Kumar Mallick, PEO | Rs. 1,12,200/- |

Encl: As above

Block Development Officer
Dasarathpur

Memo No. 6057 // Date 07-11-2023
Copy submitted to BDO, Korei/DSSO, Jajpur for favour of kind information and necessary action.

Block Development Officer
Dasarathpur

ବିଡିଓଙ୍କ ପତ୍ରର ନକଲ।

# ୬୮ ପ୍ରକଳ୍ପର ଶିଳାନ୍ୟାସ



ଶିଳାନ୍ୟାସ ଉତ୍ସବରେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଓ ଅନ୍ୟମାନେ।

**କଳିଙ୍ଗନଗର,୧୫।୧୧(ଶୁଭାଶିଷ ରାଉତ):** ଦାନଗଦି ବ୍ଲକ ଅନ୍ତର୍ଗତ ତ୍ରିଜଙ୍ଗା କଲୋନୀରେ ଡ୍ରେନ, ରାସ୍ତା ଓ ପାଠାଗାର ପ୍ରତିଷ୍ଠା ହେବ। ଏସବୁର ବୁଧବାର ଶିଳାନ୍ୟାସ କରାଯାଇଛି। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଯୋଗଦେଇ ଜିଲା ଖଣିଜ ନ୍ୟାସ ପାଣ୍ଠି ଅନୁଦାନରେ ୬୮ ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। କଲୋନୀବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ ହୋଇଛି। ବିସ୍ଥାପନ ପରେ ସିଧାସଳଖ ପ୍ରଶାସନ ଅଧୀନରେ କଲୋନୀର ବିକାଶମୂଳକ କାମ ହେବ। ଏହାପୂର୍ବରୁ କଲୋନୀର ଭିତ୍ତିଭୂମି ବିକାଶ ଦାୟିତ୍ୱ ଇଡ୍‌କୋ ଅଧୀନରେ ରହିଥିଲା। ସେବେଠାରୁ ଅବହେଳିତ ହୋଇ ରହିଥିବା ବିସ୍ଥାପିତ କଲୋନୀକୁ ଏକ ଆଦର୍ଶ କଲୋନୀ କରାଯିବ ବୋଲି ମନ୍ତ୍ରୀ ଘଡ଼ାଇ କହିଛନ୍ତି। ସେକ୍ ଜାହିଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ପରିଷଦ ସଭ୍ୟା ସୁଚିତ୍ରା ବିଶ୍ୱାଳ, ଦାନଗଦି ବ୍ଲକ୍ ଅଧ୍ୟକ୍ଷା ଅର୍ଚ୍ଚନା ଦାସ, ଉପାଧ୍ୟକ୍ଷ ଅଜୟ କୁମାର ବିନ୍ଧାଣୀ, ସରପଞ୍ଚ କାଗଜି ପାତ୍ର, ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି, ଏମ୍‌ପିଙ୍କ ପ୍ରତିନିଧି ଲୋକନାଥ ଧୀର, ବ୍ଲକ ବିଜେଡି ସଭାପତି ସୁରେଶ ଦାସ, ଯୁବନେତା ରୁଦ୍ର ନାରାୟଣ ଦାସ, ଯୁବ ବିଜେଡି ସଭାପତି ଚନ୍ଦନ କର, ଆଜହାର ଅହମ୍ମଦ ଖାଁ, ପବିତ୍ର ମୋହନ ଜେନାମଣି ଓ ଗୋଲଖ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୁକିନ୍ଦାର ପୂର୍ବତନ ବ୍ଲକ ଅଧ୍ୟକ୍ଷା ପଦ୍ମାବତୀ ଜେନା ଧନ୍ୟବାଦ ଦେଇଥିଲେ। ସଭା ପୂର୍ବରୁ ଏକ ଶୋଭାଯାତ୍ରାରେ ମନ୍ତ୍ରୀଙ୍କୁ ଦାନଗଦି ବଜାର ନିକଟରୁ ପାଛୋଟି ଅଣାଯାଇଥିଲା।

# ରାସ୍ତା ଉପରେ ଗଛ, ଯାତାୟାତ ବାଧାପ୍ରାପ୍ତ

**ପାଣିକୋଇଲି,୧୫।୧୧(ବିକାଶ ମଲ୍ଲିକ):** ପାଣିକୋଇଲି-ଅମୃତିଆ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଉପରେ ଗଛ ଉପୁଡ଼ି ପଡ଼ି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସ୍ଥାନୀୟ ବାସିନ୍ଦାଙ୍କ ଦ୍ୱାରା ଗଛ ହଟାଯିବା ପରେ ଯାତାୟାତ ସ୍ୱାଭାବିକ ହୋଇଛି। ଏହି ରାସ୍ତାଟି ବହୁ ଗୁରୁତ୍ୱପୂର୍ଣ୍ଣ। ବୈତରଣୀରୋଡ ରେଳଷ୍ଟେଶନଠାରୁ ଆରମ୍ଭ କରି ୪/୫ଟି ପଞ୍ଚାୟତର ଅଧିବାସୀ ଏହା ଉପରେ ନିର୍ଭର କରନ୍ତି। ରାସ୍ତାର ଖୋସାଲପୁର ଗ୍ରାମ ନିକଟରେ ଗଛଟି ଭାଂଗି ସମ୍ପୂର୍ଣ୍ଣ ରାସ୍ତା ବନ୍ଦ ହୋଇଯାଇଥିଲା। ଗଛ ଭାଙ୍ଗିବାର କୌଣସି କାରଣ ଜଣାପଡିନାହିଁ। ଗଛ ପଡିବା ସମୟରେ କେହି ନ ଥିବାରୁ କାହାର କିଛି କ୍ଷତି ହୋଇନାହିଁ। କିନ୍ତୁ ଏହା ଭାଙ୍ଗିବା ଦ୍ୱାରା ରାସ୍ତାରେ ଯାତାୟତ କରୁଥିବା ଲୋକେ, ସ୍ଥାନୀୟ ବାସିନ୍ଦା ଓ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖିନ ହୋଇଥିଲେ।



# ଋଣ ଅସୁଲି ଏଜେଣ୍ଟଙ୍କ ଦୌରାତ୍ମ୍ୟ

**ଧର୍ମଶାଳା,୧୫।୧୧(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଚଣ୍ଡିଖୋଲଠାରୁ କୁଆଖିଆ ମଧ୍ୟରେ ବେଆଇନ ରେପୋ ବା ଋଣ ଅସୁଲିକାରୀ ଯୁବକଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପୋଲିସ ପକ୍ଷରୁ ଛାନଭିନ ଆରମ୍ଭ ହୋଇଛି। ମଙ୍ଗଳବାର ଧର୍ମଶାଳା ପୋଲିସ ସାରୋଇ ଛକ ଅଞ୍ଚଳରୁ ଏହି କାର୍ଯ୍ୟରେ ଲିପ୍ତଥିବା ସନ୍ଦେହରେ ୩ଜଣ ଯୁବକଙ୍କୁ ଉଠାଇ ଆଣି ପଚରାଉଚରା ଚଳାଇଛି।

ସାଧାରଣ ଲୋକଟିଏ ଋଣ ପ୍ରଦାନକାରୀ ସଂସ୍ଥାଠାରୁ ଋଣ ନେଇ ଗାଡ଼ି କିଣିଥିବା ବେଳେ ମାତ୍ର ଗୋଟିଏ କିମ୍ବା ଦୁଇଟି ମାସିକ ଋଣ କିସ୍ତି ଦେବାରେ ବ୍ୟତିକ୍ରମ ହେଲେ ରାସ୍ତା ଉପରୁ ଜବରଦସ୍ତ ଟଙ୍କା ଆଦାୟ କରୁଛନ୍ତି। ନଚେତ୍ ଗାଡ଼ି ଛଡ଼ାଇ ନେଉଛନ୍ତି ଏହି ଅସାମାଜିକ ଯୁବକମାନେ। ଜାରକା ଓ କୁଆଖିଆ ମଧ୍ୟରେ ଏମାନେ ଜଗି ରହୁଛନ୍ତି। ଋଣ ଖିଲାପକରିଥିବା ଗାଡି ଗୁଡି ପଛରେ ଏମାନେ ଦ୍ରୁତଗତିରେ ଗୋଡ଼ାଇବା ଫଳରେ ଗାଡ଼ି ଚାଳକ ଇତସ୍ତତ ହୋଇ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଋଣ ସୁଝିବାରେ ଖିଲାପ କରିଥିଲେ ରାସ୍ତା ଉପରୁ କୌଣସି ଗାଡ଼ିକୁ ଅଟକାଇ ଗାଡି ଛଡ଼ାଇ ନିଆଯାଇପାରିବ ନାହିଁ ଓ କୋର୍ଟ ମାଧ୍ୟମରେ ନୋଟିସ୍ ଦେବାପରେ ଋଣ ଆଦାୟ କରାଯାଇପାରିବ ବୋଲି ସୁପ୍ରିମକୋର୍ଟଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ରହିଥିବା ବେଳେ ଏମାନେ କପଏହିନିର୍ଦ୍ଦେଶର ଖୋଲା ଖୋଲି ଉଲଂଘନ କରୁଥିବା ଦେଖିବାକୁ ମିଳୁଛି। କିଛିଦିନ ତଳେ ଚଣ୍ଡିଖୋଲ ଛକ ନିକଟରେ ଏହି ଋଣ ଅସୁଲି ଏଜେଣ୍ଟଙ୍କ କାରଣରୁ ଏକ ଦୁର୍ଘଟଣା ଘଟିଥିଲା। ବଡଚଣା ଥାନାରେ ନୂତନ ଥାନା ଅଧିକାରୀ ଯୋଗଦେବା ପରେ ଏହି ବେଆଇନ କାର୍ଯ୍ୟରେ ରୋକ ଲଗାଇଛନ୍ତି। ଫଳରେ ଏହି ଏଜେଣ୍ଟମାନେ ସେଠାରୁ ଆସି ଧର୍ମଶାଳା ଓ କୁଆଖିଆ ଥାନା ଅଞ୍ଚଳରେ ନିଜର ଅଡା ଚଳାଉଛନ୍ତି। ଏହି ଏଜେଣ୍ଟମାନଙ୍କୁ ଧର୍ମଶାଳା ଓ କୁଆଖିଆ ପୋଲିସ ସୁରକ୍ଷା ଦେଉଥିବା ଅଭିଯୋଗ ହୋଇ ଆସୁଥିଲା।

# ଶିଶୁ ହସିଲେ ଦୁନିଆ ହସିବ


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

## କଳ୍ପତରୁ ଦାସ ଫାଉଣ୍ଡେଶନ ପକ୍ଷରୁ ଶିଶୁ ମହୋତ୍ସବ

**ଧର୍ମଶାଳା,୧୫।୧୧(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକ ଅଧୀନ ଜାରକାସ୍ଥିତ ଶିଶୁ ଉଦ୍ୟାନ ପରିସରରେ କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେସନ ପକ୍ଷରୁ ଶିଶୁ ମହୋତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ଫାଉଣ୍ଡେଶନର ଶିକ୍ଷା ବିଭାଗ ଉପଦେଷ୍ଟା ଚନ୍ଦ୍ରଶେଖର ସ୍ୱାଇଁ ସଭାପତିତ୍ୱ କରିଥିବାବେଳେ ଶିକ୍ଷା ବିଭାଗ ଉପଦେଷ୍ଟା ଅମୂଲ୍ୟ କୁମାର ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁ ହସିଲେ ଦୁନିଆ ହସିବ ଓ ଆଜିର ଶିଶୁ କାଲିର ନାଗରିକ ବୋଲି ମତବ୍ୟକ୍ତ କରିଥିଲେ। ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ରାଉତ ଓ ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତିସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁ ଦିବସ ଉପରେ ଆଲୋକପାତ କରିଥିଲେ। ଫାଉଣ୍ଡେଶନ ପକ୍ଷରୁ ପୂର୍ବରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ତୃତା, ତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, ସଧାରଣ ଜ୍ଞାନ, ସଂଗୀତ ଓ ନୃତ୍ୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ।

ବରିଷ୍ଠ ବିଭାଗ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ଅଦ୍ୟାଶା ପଣ୍ଡା, ଦ୍ୱିତୀୟ ଶୁଶ୍ରୀ ସଂଗୀତା ସାହୁ, ତୃତୀୟ ପ୍ରତୀକ୍ଷା ଓଝା, ପ୍ରବନ୍ଧରେ ଅଙ୍କିତା ସାମଲ, ଋତୁପର୍ଣ୍ଣା ଦାସ ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ସଧାରଣ ଜ୍ଞାନରେ ଗୁରୁଦେବ ଦାସ, ବିଶ୍ୱଭୂଷଣ କର, ଆଶୁତୋଷ ପଣ୍ଡା ଓ ସାର୍ଥକ ବାହାଲିଆ, ଚିତ୍ରାଙ୍କନ ବିଭାଗରେ ସନତ ପ୍ରଧାନ, ଦିବ୍ୟଜିତ ବେହେରା, ସମୀ ନାଥ ଓ ସୋନାଲି ଜେନା। ତର୍କ ବିଭାଗରେ ତନ୍ୱିଶା ସାହୁ, ଓମ୍ ଆରୟାନ ଓ ମନିଷା ରାୟ। ସଂଗୀତରେ ଶୁଭଶ୍ରୀ ଓଝା, ଅମ୍ରିତା ସାହୁ ଓ ଶୁଭଲକ୍ଷ୍ମୀ ଜେନା। ଦଳଗତ ନୃତ୍ୟରେ ପ୍ରଥମ ଶୁଭଦର୍ଶିନୀ ଓ ଗ୍ରୁପ, ଦ୍ୱିତୀୟ ଶ୍ରଦ୍ଧା ସ୍ୱଂୟସିନଗ୍ଧା ଓ ଗ୍ରୁପ୍ ଏବଂ କ୍ରିଷ୍ଣା ବେହେରା ଓ ଗ୍ରୁପ ତୃତୀୟ ସ୍ଥାନ ଅଧିକାର କରିଥିଲେ। କନିଷ୍ଠ ବିଭାଗ ସଂଗୀତ ପ୍ରତିଯୋଗିତାରେ ପ୍ରଥମ ପ୍ରସନଜିତ ମହାରଣା, ଦ୍ୱିତୀୟ ପ୍ରକୃତି ମଳିକ, ତୃତୀୟ ଚେତନ ପ୍ରକାଶ ପଣ୍ଡା, ସଧାରଣଜ୍ଞାନରେ ରଶ୍ମିରଞ୍ଜନ ସେଠୀ, ଆୟୁଶ ପ୍ରଧାନ, ସାଇ ଆରିୟାନ ସାମଲ, ସାଇ ସୋନାଲିକା ସାହୁ, ସତ୍ୟମ ଶୁଭମ ଜେନା, କୃଷ୍ଣ ଗୌରାଙ୍ଗ ସାମଲ, ସିଦ୍ଧାର୍ଥ ଗୁରୁ ଓ ଶ୍ରୀନିବାସ ସୁର। ବକ୍ତୃତାରେ ସ୍ମୃତି ସଂଗୀତା ବେହେରା, ବର୍ଷାରାଣୀ ରାଉତ, ପ୍ରୀତିଶ୍ରୀ ସ୍ୱାଇଁ ଓ ଶୁଭଶ୍ରୀ ପ୍ରିୟଦର୍ଶିନୀ। ଚିତ୍ରାଙ୍କନରେ ସ୍ମୃତିରଞ୍ଜନ ରଣା, ସାଇ ପ୍ରେରଣା ଦାସ, ସତ୍ୟବ୍ରତ ପାତ୍ର ଓ ଆଲୋକ ପାଣିଗ୍ରାହୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଭୂତି ଭୂଷଣ ପାଳ ମଞ୍ଚ ପରିଚାଳନା କରିଥିବାବେଳେ କେଡିଏନଏଫ ମୁଖପାତ୍ର ଅମିୟ କୁମାର ପରିଡ଼ା ଧନ୍ୟବାଦ ଦେଇଥିଲେ।

# ବକେୟା ବିଦ୍ୟୁତ୍ ଦେୟ ପୈଠ କରିବାକୁ ସରପଞ୍ଚଙ୍କୁ ଚିଠି

**ବରୀ,୧୫।୧୧(ମହେନ୍ଦ୍ର ସ୍ୱାଇଁ):** ବରୀ ବ୍ଲକ୍ ଅଧୀନ ବାଲିବିଲ ପଞ୍ଚାୟତର ଚତରଠାରୁ ସାଇ ମନ୍ଦିର ପର୍ଯ୍ୟନ୍ତ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍‌ର ବକେୟା ବିଦ୍ୟୁତ୍ ଦେୟ ୩ ଲକ୍ଷ ୫୦ ହଜାର ଟଙ୍କା ପୈଠ କରିବାକୁ ବ୍ଲକ୍ କାର୍ଯ୍ୟାଳୟ ପକ୍ଷରୁ ସରପଞ୍ଚଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି।

ବିଧାୟିକାଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ମୋଟ ୫୭ ଖୁଣ୍ଟରେ ଲାଇଟ ଲଗାଯାଇ ଏହି ରାସ୍ତା ଆଲୋକୀକରଣ କରାଯାଇଥିଲା। ବାଲିବିଲ ପଞ୍ଚାୟତର ତତ୍କାଳୀନ ସରପଞ୍ଚ ସନ୍ତୋଷ ସାମଲ ପଞ୍ଚାୟତ ପାଣ୍ଠିରୁ ବିଦ୍ୟୁତ୍ ଦେୟ ପ୍ରଦାନ କରିବା ନିମନ୍ତେ ଚୁକ୍ତିବଦ୍ଧ ହୋଇଥିଲେ। ମାତ୍ର ଦୀର୍ଘ ଦିନ ଧରି ପଞ୍ଚାୟତ ତରଫରୁ ବିଦ୍ୟୁତ୍ ଦେୟ ପୈଠ କରାଯାଇ ନ ଥିଲା। ଏନେଇ ବରୀ ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ବକେୟା ଅର୍ଥ ପୈଠ କରା ନ ଗଲେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯିବ ବୋଲି ନୋଟିସ କରାଯାଇଥିଲା। ପଞ୍ଚାୟତ ଅଫିସକୁ ନୋଟିସ ଆସିବା ପରେ ମଧ ବକେୟା ପାପ୍ୟ ପୈଠ କରାଯାଇ ନ ଥିଲା। ଶେଷରେ ବିଭାଗ ପକ୍ଷରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା। ଏହାପରେ ବରୀ ବ୍ଲକ ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ, ବରୀ ବରିଷ୍ଠ ନାଗରିକ ମଞ୍ଚ ଓ ରାଧାଗୋବିନ୍ଦ ସେବା ସଂଘ ପକ୍ଷରୁ ବିଦ୍ୟୁତ୍ ସଂଯୋଗ କରିବାକୁ ଜିଲାପାଳଙ୍କୁ ଲିଖିତଭାବେ ଅବଗତ କରାଯାଇଥିଲା। ଜିଲାପାଳ ତୁରନ୍ତ ପଦକ୍ଷେପ ନେବାକୁ ବରୀ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ପତ୍ର ଲେଖିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଡିଓ ତାଙ୍କ ପତ୍ର ସଂଖ୍ୟା-୬୨୭୮ ତା:୧୩।୧୧।୨୦୨୩ରେ ବାଲିବିଲ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ତୁରନ୍ତ ୩ ଲକ୍ଷ ୫୦ହଜାର ଟଙ୍କା ବିଦ୍ୟୁତ୍ ବିଭାଗକୁ ପୈଠ କରିବାକୁ ଚିଠି ଲେଖିଛନ୍ତି। ଦେୟ ପୈଠ କରିବା ପରେ ବିଡିଓଙ୍କୁ ଅବଗତ କରାଇବାକୁ ଚିଠିରେ ଉଲ୍ଲେଖ କରାଯାଇଛି।

ଅନ୍ୟପକ୍ଷରେ ପଞ୍ଚାୟତରେ ଅର୍ଥ ଗଚ୍ଛିତ ଥାଇ ବକେୟା ପାପ୍ୟ ପୈଠ କରା ନ ଯିବା ଯୋଗୁ ୪ ମାସ ଧରି ଗାନ୍ଧୀ ମାର୍ଗ ନାମରେ ରାସ୍ତା ଅନ୍ଧାରରେ ରହିଛି। ଏଥିଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଥିବା ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ମଧୁସ୍ମିତା ସାମଲଙ୍କୁ ପଚାରିବାରେ ସେ କହିଛନ୍ତି, ପଞ୍ଚାୟତରେ ଏ ବାବଦକୁ ଅର୍ଥ ଅଛି କି ନାହିଁ ତାହା ଅନୁଧ୍ୟାନ କରାଯିବ। ଯଦି ଥାଏ ତେବେ ପୈଠ କରିବାରେ ଅସୁବିଧା ନାହିଁ। ଏବେ ଦେଖିବାକୁ ଅପେକ୍ଷା ଅର୍ଥ କେବେ ପୈଠ ହେଉଛି।

# ମା' ତାରିଣୀ ମହାବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ

**ପାଣିକୋଇଲି,୧୫।୧୧(ବିକାଶ ମଲ୍ଲିକ):** ପାଣିକୋଇଲିସ୍ଥିତ ମା'ତାରିଣୀ ମହାବିଦ୍ୟାଳୟରେ ସଂସ୍କୃତ ବିଭାଗ ପକ୍ଷରୁ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏନେଇ କଲେଜ ଅଧ୍ୟକ୍ଷ ଡ. ଚନ୍ଦ୍ରକାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବରେ ଅଧ୍ୟାପିକା ପାର୍ବତୀ ନାଥ ଓ ମଦନ ମୋହନ ପାତ୍ର ଯୋଗଦେଇ ପିଲାମାନଙ୍କୁ ଆର୍ଶୀବଚନ ପ୍ରଦାନ କରିଥିଲେ। ଅଧ୍ୟାପକ ତଥା ବିଭାଗ ମୁଖ୍ୟ ଡ. ପ୍ରତାପ ଚନ୍ଦ୍ର ତ୍ରିପାଠୀ ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ନିଜର ବକ୍ତବ୍ୟ ରଖିଥିଲେ। ପିଲାମାନେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଭାଗୀୟ ଅଧ୍ୟାପକ ଅଭିମନ୍ୟୁ ପଣ୍ଡା ବେଦପାଠ କରିଥିଲେ। ବିଭାଗର ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ର ପ୍ରଥମ ବର୍ଷର ଫ୍ରେଶସ ଅଫ ଦି ଇୟର ଭାବେ ଦୀପକ ସାହୁଙ୍କୁ ଲଟେରି ମାଧ୍ୟମରେ ସମ୍ବର୍ଦ୍ଧିତ କରିଥିଲେ।

# ବର୍ଷା ସୂଚନାକୁ ନେଇ ଚାଷୀ ଛାନିଆ

## ବାଦାମ, ପନିପରିବା ଚାଷ ପ୍ରତି କ୍ଷତି ପହଞ୍ଚାଇବ

**ରସୁଲପୁର,୧୫।୧୧(ରଂଜିତ ରାଉତ):** ରସୁଲପୁର ବ୍ଲକ ଅଞ୍ଚଳର ରବି ଚାଷୀମାନେ ବର୍ଷା ସୂଚନାକୁ ନେଇ ଛାନିଆ ହୋଇ ପଡ଼ିଛନ୍ତି। ପ୍ରତିକୂଳ ପାଣିପାଗ ସର୍ବଦା ଚାଷୀକୂଳକୁ ହତାଶ କରିଆସୁଛି। ଚଳିତବର୍ଷ ଉଷ୍ମ ଜଳବାୟୁ ରବିଋତୁ ପରିବା ଫସଲକୁ ବିଳମ୍ବିତ କରିଥିଲା। ଏଥିଯୋଗୁ ପରିବାଚଷ ପ୍ରଭାବିତ ହୋଇଥିଲା। ଗତକିଛି ସପ୍ତାହ ହେଲା ରାତ୍ରି ସୟରେ ହାଲୁକା ଶୀତ ସାଙ୍ଗକୁ କାକର ପଡୁଥିବାରୁ ପରିବା ଫସଲ ଉତୁରି ଆସୁଛି। ବାଦାମ, ବିରି, କୋଳଥ, ସୋରିଷ ଓ ଧଣିଆ ଆଦି ଚାଷ ଆଗକୁ ବଢି ଚାଲିଛି। ମାତ୍ର ଚଳିତ ମାସ ୧୬ ଓ ୧୭ ତାରିଖରେ ଲଘୁଚାପ କାରଣରୁ ଅଧିକ ବର୍ଷା ହେବ ବୋଲି ପାଣିପାଗ ପକ୍ଷରୁ ସୂଚନା ମିଳିଛି। ଉପକୂଳ ଜିଲାରେ ଅଧିକ ବର୍ଷା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଉଛି। ଯାଜପୁର ଜିଲା ଉପକୂଳ ଜିଲାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ଏ ଜିଲାରେ ବି ବର୍ଷାର ସମ୍ଭାବନା ବଢ଼ିଯାଇଛି। ଅଧିକ ପରିମାଣର ବର୍ଷା ହେଲେ ପନିପରିବା ଚାଷ ବିଶେଷଭାବେ ପ୍ରଭାବିତ ହେବ। ବର୍ଷା କୋବି ଚାଷକୁ ଅଧିକ ପ୍ରଭାବିତ କରିବ। ବାଦାମ ମଞ୍ଜି ପଚିଯିବ। ଫଳରେ ଚାଷୀଙ୍କୁ ଅଧିକ ଖର୍ଚ୍ଚାନ୍ତ କରାଇବ। ଖାଲୁଆ ଅଞ୍ଚଳରେ ପାଣି ଜମି ରହିଲେ ବିରି, କୋଳଥ ଚାଷ ପ୍ରତି କ୍ଷତି ପହଁଚାଇବ ବୋଲି ଚାଷୀମାନେ ଆକଳନ କରୁଛନ୍ତି। ଖାଲୁଆ ଅଞ୍ଚଳରେ ବୁଣାଯାଇ ନ ଥିବା ଡାଲିଜାତୀୟ ଓ ବଦାମ ଫସଲ ବିଳମ୍ବିତ ହେବ। ଏହିଭଳି ଭାବରେ ପ୍ରତିକୂଳ ପାଣିପାଗ ସର୍ବଦା ଚାଷୀକୂଳକୁ କ୍ଷତି ପହଞ୍ଚାଉଥିବା ଦେଖାଯାଉଛି। ପ୍ରତ୍ୟେକ ଫସଲକୁ ବୀମାଭୁକ୍ତ କରାଯାଇ ଚାଷୀମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷତିପୂରଣ ପ୍ରଦାନ କରିବାକୁ ଚାଷୀ ସଂଗଠନ ପକ୍ଷରୁ ଦାବି ହୋଇଛି।


ଚିନାବାଦାମ ଲଗାଯାଉଛି।

# ଜାନୁୟାରୀ ୫ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ହେବ ଧାନ ସଂଗ୍ରହ



ବୈଠକରେ ଜିଲାପାଳ, ବିଧାୟକ ଓ ଅନ୍ୟମାନେ।

## ଜିଲାସ୍ତରୀୟ ଖରିଫ ଧାନ ସଂଗ୍ରହ ବୈଠକ

**ଯାଜପୁର ଟାଉନ,୧୫।୧୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଜିଲାସ୍ତରୀୟ ଖରିଫ ଧାନ ସଂଗ୍ରହ ପାଇଁ ପ୍ରଶାସନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଅଧ୍ୟକ୍ଷତା କରି ଚାଷୀମାନେ ରାଷ୍ଟ୍ରର ମେରୁଦଣ୍ଡ। ଅର୍ଥନୈତିକ ଅଭିବୃଦ୍ଧିରେ ଚାଷୀଙ୍କ ଭାରତ ଭଳି ଏକ ବିକାଶଶୀଳ ରାଷ୍ଟ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଏଣୁ ଚାଷୀମାନେ ଧାନ ବିକ୍ରି ସମୟରେ ଯେଭଳି କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ସେଥିନିମନ୍ତେ ଅଧିକାରୀ, ସଂଗଠନ ଓ ବ୍ୟକ୍ତିବିଶେଷ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି।

ଜିଲା ଯୋଗାଣ ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି ବୈଠକରେ କୋରେଇ ବିଧାୟକ ଅଶୋକ କୁମାର ବଳ, ଜିଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା, ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ, ଅତିରିକ୍ତ ଜିଲାପାଳ(ପ୍ରଶାସନ) ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପଜିଲାପାଳ ଗୋପୀନାଥ କୁଅଁର, ଯାଜପୁର ମଣ୍ଡଳ ଉନ୍ନୟନ ଅଧିକାରୀ ସୌରଭ ଚକ୍ରବର୍ତ୍ତୀ ଏବଂ ଜିଲା ଯୋଗାଣ ଅଧିକାରୀ ସଲ୍ଲାଉଦ୍ଦିନ ଖାଁ ଯୋଗଦେଇ ଖରିଫ ଧାନ ସଂଗ୍ରହ ସୁଚାରୁ ରୂପେ ସଂପାଦନ ନିମନ୍ତେ ବିଭିନ୍ନ ଦିଗ ସମ୍ବନ୍ଧରେ ଆଲୋଚନା କରିଥିଲେ।

ବିଗତ ବର୍ଷ ଧାନ ସଂଗ୍ରହ ଡିସେମ୍ବର ୨୦ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କରାଯାଇଥିବା ବେଳେ କେତେକ ସମସ୍ୟା ଉପୁଜିଥିଲା। ଏଥର ଧାନ ସଂଗ୍ରହ ୨୦୨୪ ଜାନୁୟାରୀ ୫ରୁ ଆରମ୍ଭ କରାଯାଇ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଚାଲିବ ବୋଲି ଜିଲାପାଳ ସ୍ପଷ୍ଟ କରିଥିଲେ। ସେହିପରି କୋରେଇ ବିଧାୟକ ବଳ ଏବଂ ଯାଜପୁର ବିଧାୟକଙ୍କ ପ୍ରତିନିଧି ଦାସ ତାଙ୍କ ପ୍ରସ୍ତାବରେ ଧାନ ଅମଳ ପାଇଁ ଜମିରେ ଆଉ ଏକ ସୋପାନ ପାଣି ମଡାଇବାର ଆବଶ୍ୟକତା ଥିବା ଏବଂ ମଣ୍ଡିରୁ ସୁଚାରୁ ରୂପେ ଧାନ ସଂଗ୍ରହଣ ପାଇଁ ଉତ୍ଥାପନ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବଡ଼ଚଣା ବିଧାୟକଙ୍କ ପ୍ରତିନିଧି ଅଭୟ ସାମଲ, ଜିଲା ମୁଖ୍ୟ କୃଷି ଅଧିକାରୀ ଉଦିପ୍ତ କୁମାର ତ୍ରିପାଠୀ, ସମବାୟ ସମିତିର ସହକାରୀ ନିବନ୍ଧକ ଶରତ ଚନ୍ଦ୍ର ମଲ୍ଲିକ, ପଞ୍ଚାୟତ କୃଷି ସମବାୟ ସମିତି ସଭାପତି, ସମସ୍ତ ପାକ୍ସର ସମ୍ପାଦକ ଏବଂ ମିଲରମାନେ ଉପସ୍ଥିତ ଥିଲେ।

# ଏରଡ଼ା-ପହଙ୍ଗା କେନାଲ ରାସ୍ତା କାମରେ ବିଳମ୍ବ

- ମେଟାଲ ଉଠାଇନେଲେ ଠିକାଦାର, ତୀବ୍ର ଅସନ୍ତୋଷ
- ପ୍ରଚ୍ଛଦପଟର ରହସ୍ୟକୁ ନେଇ ଚର୍ଚ୍ଚା
- ୫-ଟି ଅଧକ୍ଷଙ୍କ ନିକଟରେ ଗ୍ରାମବାସୀଙ୍କ ଅଭିଯୋଗ

ଜଗତ୍‌ସିଂହପୁର, ୧୫।୧୧ (ପ୍ରମୋଦ କୁମାର ନାୟକ)

ଜଳ ସମ୍ପଦ ବିଭାଗ ପ୍ରାଚୀ ଡିଭିଜନ ପକ୍ଷରୁ କଟକ ଜିଲା ପହଙ୍ଗା ନିକଟରୁ ଜଗତ୍‌ସିଂହପୁର ଜିଲା ଏରଡ଼ା (ବାଲିସାହି) ପର୍ଯ୍ୟନ୍ତ କେନାଲ ରାସ୍ତା ନବୀକରଣ ପାଇଁ ଟେଣ୍ଡର ହୋଇଛି। ପାଖାପାଖି ୩.୫ କିଲୋମିଟର କେନାଲ ରାସ୍ତା ସହ ଅନ୍ୟ ଏକ ରାସ୍ତା ପାଇଁ ୪.୩୫ କୋଟି ଟଙ୍କା ଅନୁଦାନ ବ୍ୟବସ୍ଥା ହୋଇଛି। ଯୋଜନା ଅନୁଯାୟୀ ପହଙ୍ଗା-ଏରଡ଼ା କେନାଲ ରାସ୍ତା କାମ ଗତ ବର୍ଷାଦିନ ପୂର୍ବରୁ ଆରମ୍ଭ ହୋଇଥିଲା। ରାସ୍ତା ଓସାରିଆ ସହ ଆବଶ୍ୟକସ୍ଥଳେ ମାଟି ପୂରଣ ପରେ ଅଧିକାଂଶ ରାସ୍ତା ସମତୁଲ କରାଯାଇଥିଲା। ଏପରି କି କେତେକ ସ୍ଥାନରେ ବାଲି, ମୋହରମ ହାଲକା ଭାବେ ବିଛା ଯାଇଥିଲା। ଏହି କାମ ଆରମ୍ଭ ପରେ ଜଗତ୍‌ସିଂହପୁର ଓ କଟକ ଜିଲାର ଏକାଧିକ ଗ୍ରାମବାସୀ ଖୁସି ବ୍ୟକ୍ତ କରିଥିଲେ। ଠିକାଦାର ମଧ ମେଟାଲ ଓ ମୋହରମ ଏରଡ଼ା ବାଲିଘାଟ ନିକଟରେ ଗଚ୍ଛିତ ରଖିଥିଲେ। କିନ୍ତୁ ଦୁଃଖର କଥା ହେଲା ନିକଟରେ ଠିକାଦାର ରାତାରାତି ଗଚ୍ଛିତ ମେଟାଲ ଅନ୍ୟତ୍ର ସ୍ଥାନାନ୍ତର କରି ଦେଇଛନ୍ତି। କାମ ହେବା ପାଇଁ ଥିବା ମେଟାଲ କାହିଁକି ଏବଂ କେଉଁ ଲକ୍ଷ୍ୟ ରଖି ଠିକାଦାର ସ୍ଥାନାନ୍ତର କଲେ ତାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଏପରି କି ଏହି କାମକୁ ଗୌଣ କରି ଠିକାଦାର ଅନ୍ୟତ୍ର କାମ କରିବା ପାଇଁ ଉଦ୍ୟମ କରୁଥିବା ଶୁଣାଯିବା ପରେ ଲୋକଙ୍କ ଭିତରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବାସ୍ତବରେ ଠିକାଦାର ନିଜ ଇଚ୍ଛାରେ ଏଭଳି ନିଷ୍ପତ୍ତି ନେଇଛନ୍ତି କି ବିଭାଗୀୟ ଅଧିକାରୀ କିମ୍ବା କର୍ମଚାରୀଙ୍କ ନିର୍ଦ୍ଦେଶ ରହିଛି ତାହା ସନ୍ଦେହ ଭିତରେ ରହିଛି। ଏ ପରିସ୍ଥିତିରେ ଏରଡ଼ା ଗ୍ରାମର ୩ ପଡ଼ା ସମେତ ଗଳଧାରୀ, ଜୁଆଙ୍ଗ, ସୁନ୍ଦରଦା ଆଦିର ଲୋକେ ଠିକାଦାରଙ୍କ ଏଭଳି ନିଷ୍ପତ୍ତି ପ୍ରତିବାଦରେ ୫ଟି ଅଧକ୍ଷ, ଜଳସମ୍ପଦ ମନ୍ତ୍ରୀ, ସରକାରୀ ଦଳ ମୁଖ୍ୟ ସଚେତକ ଓ ପ୍ରାଚୀ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରି



ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

ଏ ସମ୍ପର୍କରେ ନିର୍ମଳ ଚନ୍ଦ୍ର ବିଶ୍ୱାଳ, ଭରତ ଚନ୍ଦ୍ର ବସ୍ତିଆ, ରଶ୍ମି ରଞ୍ଜନ ଲେଙ୍କା, କୃଷ୍ଣଚନ୍ଦ୍ର ଲେଙ୍କା, ଭରତ ନାୟକ, ସନ୍ତୋଷ କୁମାର ରାଉତ, ପ୍ରକାଶ ବିଶ୍ୱାଳ, ବିଭୁତି ନାୟକ, ପିତବାସ ଜେନା, ସରୋଜ କୁମାର ନାୟକ, ଅଶୋକ ବିଶ୍ୱାଳ ଓ କୁମୁଦ କୁମାର ମହାନ୍ତି ପ୍ରମୁଖ କହିଛନ୍ତି, ପହଙ୍ଗାଠାରୁ ଏରଡ଼ା ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତା ଦେଇ ପ୍ରତ୍ୟହ ପାଖାପାଖି ୧୦ ହଜାରରୁ ଅଧିକ ଲୋକ ଯାତାୟାତ କରନ୍ତି। ପ୍ରାଚୀ ଡିଭିଜନ ଅଧୀନ ୬ କିଲୋମିଟର ଏହି ରାସ୍ତାର ଉନ୍ନତିକରଣ ପାଇଁ ୨୦୨୨ରେ ୫.୧୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଅନୁରୂପ ଭାବେ ନଦୀ ବନ୍ଧ ପାର୍ଶ୍ୱ କେନାଲ ରାସ୍ତାର ନବୀକରଣ ପାଇଁ ୪.୩୫ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ଅଭିଳାସ ବିଶ୍ୱାଳ ଠିକା ନେବା ସହ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏଥିମଧ୍ୟରେ ମାଟି କାମ ଆପାତତଃ ସରିଥିବା ବେଳେ ଅନ୍ୟ କାମ ବାକି ରହିଛି। କିନ୍ତୁ ଏରଡ଼ାଠାରେ ରାସ୍ତା କାର୍ଯ୍ୟ ପାଇଁ ଗଚ୍ଛିତ ମେଣ୍ଟାଲ, ମୋହରମ ଅନ୍ୟତ୍ର ସ୍ଥାନାନ୍ତର ହେଉଛି। ଯାହାକି ଲୋକଙ୍କ ଭାବାବେଗ ସହ କୁଠାରାଘାତ କରୁଛି। ତେଣୁ ଏହା ଉପରେ ତଦନ୍ତ ହୋଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ କେନାଲ ରାସ୍ତା କାମ ଯୁଦ୍ଧକାଳୀନ ଭିତ୍ତିରେ ସାରିବାକୁ ସେମାନେ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ କଟକ ଜିଲା ବିଭାଗୀୟ ପହଙ୍ଗାସ୍ଥିତ କନିଷ୍ଠ ଯନ୍ତ୍ରୀ ସଞ୍ଜୟ ପଣ୍ଡାଙ୍କୁ ପଚାରିବାରୁ ବାସ୍ତବରେ ମାଟି କାମ କିଛି ବାକି ଅଛି। ଏବେ ଚାଷ ସମୟ ହୋଇଥିବାରୁ ମାଟି ମିଳିବାରେ ବିଳମ୍ବ ହେଉଛି। ତେଣୁ ଠିକାଦାର ଗଚ୍ଛିତ ରଖିଥିବା ମେଟାଲ ଅନ୍ୟତ୍ର ସ୍ଥାନାନ୍ତର କରିଥିବା ସୂଚନା ଦେଇଛନ୍ତି। ତଥାପି ଏବେ ମାଟି କିଣା ପାଇଁ ଉଦ୍ୟମ ହେଉଛି। ନଚେତ ଧାନ ଅମଳ ପରେ ମାଟି ମିଳିଲେ କାମ ହେବ। ଏ ସମ୍ପର୍କରେ ବିଭାଗୀୟ ଏସ୍‌ଡିଓ ସୁଧାକର ମଲ୍ଲିକଙ୍କୁ ପଚାରିବାରୁ ବାସ୍ତବରେ କାମ ବନ୍ଦ ହେଉନାହିଁ। ପ୍ରଥମେ ମାଟି କାମ ଓ ତା' ପରେ ଅନ୍ୟ କାମ ହେବା କଥା। ଯେହେତୁ ଖୁବ୍ କମ ଦୂର ମାଟି କାମ ବାକି ଅଛି ତେଣୁ ଏହା କିପରି ସରିବ ଚିନ୍ତା କରାଯାଉଛି। ବିଳମ୍ବ ହେଲେ ଅନ୍ୟ କାମ ଚାଲୁ ରହିବ। ଅର୍ଥାତ୍ ବାଲି, ମୋହରମ ବିଛାଯିବ। ତା'ର କିଛିଦିନ ପରେ ମେଟାଲିଂ, କଂକ୍ରିଟ୍ କାମ ହେବ। ଶେଷରେ ପିଚୁ କରାଯିବ। ଏତେ କାମ ବାକି ଥିବାରୁ ଠିକାଦାରଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି। ସତ୍ୟ ସୂଚନା ଅନୁଯାୟୀ ବୁଧବାର ଅପରାହ୍ନରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ରଘୁନାଥ ସ୍ୱାଇଁଙ୍କ ସହ ଅନ୍ୟ ଯନ୍ତ୍ରୀମାନେ କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି କାମ ଆସନ୍ତା ମାସ ଭିତରେ ସାରିବାକୁ ଅଧୀକ୍ଷଣ ଯନ୍ତ୍ରୀ ଠିକାଦାରଙ୍କ ନିର୍ଦ୍ଦେଶ ଦେବା ପରେ ଏରଡା ଗ୍ରାମବାସୀ ଅଶ୍ୱସ୍ଥ ହୋଇଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

ଏରସମା, ୧୫।୧୧ (ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମା ଥାନା ଅନ୍ତର୍ଗତ ଗୋଡା ପଞ୍ଚାୟତସ୍ଥିତ ରାଜପୁର ଗ୍ରାମର ଜଣେ ଯୁବକ ଦୁର୍ଘଟଣାରେ ଆହତ ହେବା ପରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଜଗନ୍ନାଥ ବେହେରା (୩୪)। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଗାଁ ଶ୍ମଶାନରେ ସତ୍କାର କରାଯାଇଛି। ସୂଚନାଯୋଗ୍ୟ, ଜଗନ୍ନାଥ ୪ଦିନ ତଳେ ତିର୍ତ୍ତୋଲ ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାରେ ରାହାମା ଯାଉଥିବା ବେଳେ ମଣିଜଙ୍ଗା ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା କୌଣସି ଏକ ଗାଡ଼ି ସହ ଧକ୍କା ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା।

### ୩ ପଞ୍ଚାୟତର ୬ଶହ ପରିବାର ପାନୀୟ ଜଳରୁ ବଞ୍ଚିତ

**ଟ୍ରାନ୍ସଫର୍ମର ଖରାପ ୫ ଦିନ ହେଲା ଲୋକେ ହନ୍ତସନ୍ତ**

କୁଜଙ୍ଗ, ୧୫।୧୧ (ମନୋଜ ପ୍ରଧାନ)

ରାଜ୍ୟ ସରକାର ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ମାଗଣାରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେଉଥିବାବେଳେ ପ୍ରଶାସନିକ ଅଧିକାରୀଙ୍କ ଉଦାସିନତା ପାଇଁ ଲୋକେ ପାଣି ପାଉନାହାନ୍ତି। ଏହା କୁଜଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତରେ ଦେଖିବାକୁ ମିଳିଛି। ଚରଦିଆ ପମ୍ପ ହାଉସ ପାଇଁ ବ୍ୟବହୃତ ବିଦ୍ୟୁତ ଟ୍ରାନ୍ସଫର୍ମର ଖରାପ ହେବା ଫଳରେ ୫ ଦିନ ହେବ କୁଜଙ୍ଗ, ବାଗୋଇ, ବାଲିଆ ପଞ୍ଚାୟତର ୬ ଶହରୁ ଊର୍ଦ୍ଧ୍ୱ ପରିବାର ପାନୀୟ ଜଳରୁ ବଞ୍ଚିତ ହୋଇଛନ୍ତି। ଜନ ସାଧାରଣ ପିଇବା ପାଣି ମୁନ୍ଦେ ପାଇଁ ଡହଳ ବିକଳ ହେଉଥିବାବେଳେ ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି। ଏ ସମ୍ପର୍କରେ କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁଙ୍କୁ ପଚାରିବାରେ ଅବଗତ ନାହିଁ କହିବା ସହ ବିଭାଗୀୟ ଯନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି। ବିଭାଗୀୟ ଯନ୍ତ୍ରୀ ମାନସୀ ବେହେରାଙ୍କୁ ପଚାରିବାରେ ବିଦ୍ୟୁତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ଟ୍ରାନ୍ସଫର୍ମର ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇଛନ୍ତି। ଏ ସମ୍ପର୍କରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟଙ୍କୁ ପଚାରିବାରେ ପ୍ରଶାସନ ସହ ଆଲୋଚନା କରି ବିହିତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ପ୍ରାଥମିକ ଶିକ୍ଷକଙ୍କୁ ଟାବ୍‌ଲେଟ ବଣ୍ଟନ




ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଟାବ୍‌ଲେଟ ବଣ୍ଟନ କରାଯାଉଛି।

ଏରସମା, ୧୫।୧୧ (ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମା ବିଇଓଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ଓପେପା ପକ୍ଷରୁ ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଟାବ୍‌ଲେଟ ବଣ୍ଟନ କରାଯାଇଛି। ଏରସମା ବିଇଓ ଭାବଗ୍ରାହୀ ଭୋଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏବିଇଓ ଗୋପବନ୍ଧୁ ନାୟକ ଉପସ୍ଥିତ ହୋଇ ଟାବ୍‌ଲେଟ ମାଧମରେ କିପରି ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ଘଟିବ ସେ ସମ୍ପର୍କରେ ସଚେତନ କରିଥିଲେ। ସିଆରସିସି ନିବେଦିତା ଜେନା, ପ୍ରିୟଙ୍କା ପ୍ରିୟଦର୍ଶିନୀ, ରାଜଶ୍ରୀ ବେହେରା, ନିରଞ୍ଜନ ମହାପାତ୍ର, ମମତା ସ୍ୱାଇଁ, ବିଚିତ୍ର କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ଆବଶ୍ୟକତା ଓ ପରିଚାଳନା ଉପରେ ବୁଝାଇ ଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଦେଶୀ ମଦଭାଟି ଉପରେ ଚଢ଼ାଉ, ଜଣେ ଗିରଫ

**ବିପୁଳ ପରିମାଣର ମଦ, ସରଞ୍ଜାମ ଜବତ**

କୁଜଙ୍ଗ, ୧୫।୧୧ (ମନୋଜ ପ୍ରଧାନ)

ଅଭୟଚାନ୍ଦପୁର ଥାନା ପୋଲିସ ଗୋଟିଏ ନକଲି ଦେଶୀ ମଦ ଭାଟି ଉପରେ ଚଢ଼ାଉ କରି ମଦ ତିଆରିରେ ବ୍ୟବହୃତ ସାମଗ୍ରୀ ସହ ଗୋଟିଏ କାର ଜବତ କରିଛି। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଖବର ପାଇଲେ ଯେ ରଙ୍ଗିଆଗଡସ୍ଥିତ ମଲିକ ସାହିରେ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଥାନା ଅନ୍ତର୍ଗତ ବାଲିଡିପ ଗ୍ରାମର ମୂଳ ବାସିନ୍ଦା ଲାଲ ମାରାଣ୍ଡି ନାମକ ଜନୈକ ବ୍ୟକ୍ତି ସେଠାରେ ରହି ବେଆଇନ ଭାବେ ମଦ ଭାଟି ଚଳାଇଥିଲା। ପୋଲିସ ଚଢ଼ାଉ କରିବାରୁ ଲାଲ ଦେଶୀ ମଦ ରାନ୍ଧୁ ଥିଲେ। ପୋଲିସ ଲାଲଙ୍କୁ କାବୁ କରିବା ସହ ଘଟଣା ସ୍ଥଳରୁ ପାଖାପାଖି ୪ ଶହ ଲିଟର ଚାଉଳି, ୧ ବ୍ୟାଗ୍ ବାଖରା, ୪ କିଗ୍ରା ୟୁରିଆ ସାର, ମଦ ରନ୍ଧାରେ ବ୍ୟବହୃତ ୫ଟା ରସ ଡେକଜି ସମେତ ୪୦ ଲିଟର ଦେଶୀ ମଦ ଭର୍ତ୍ତି କାର ନଂ. ଓଡି ୧୧ ଏଲ ୨୪୩୨କୁ ଜବତ କରିଥିଲା। ଏ ସମ୍ପର୍କରେ ଥାନା ଏଏସ୍‌ଆଇ ମାନସ ସାସମଲଙ୍କ ଏତଲାକ୍ରମେ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଚିନ୍ମୟ ପାଣି ନଂ ନଂ. ୩୫୪/୨୩ରେ ମାମଲା ରୁଜୁ କରି ବୁଧବାର କୋର୍ଟ ଚାଲାଣ କରିଥିବା ଜଣାପଡିଛି।

# ସଜେଇ ହେଉଛି ପାରାଦୀପ ସହର



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତ ପାଇଁ ପାରାଦୀପରେ ରାସ୍ତା ମଝିରେ କାମ ଚାଲିଛି।

**ବୋଇତ ବନ୍ଦାଣ ଉତ୍ସବରେ ରାଷ୍ଟ୍ରପତି ଯୋଗଦେବା କାର୍ଯ୍ୟକ୍ରମ**

ପାରାଦୀପ, ୧୫।୧୧ (ଶରତ ରାଉତ)

ଆସନ୍ତା ୨୭ ତାରିଖ କାର୍ତ୍ତିକ ପୂର୍ଣ୍ଣିମା ଦିନ ପାରାଦୀପ ବନ୍ଦର ପୋତାଶ୍ରୟରେ ବୋଇତ ବନ୍ଦାଣ ଉତ୍ସବ ପାଳନ ହେବ। ଏଥିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଥମକରି ଜଣେ ରାଷ୍ଟ୍ରପତି ପାରାଦୀପ ଗସ୍ତ ଚୂଡାନ୍ତ ହେବା ପରେ ଏବେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଗୁରୁତ୍ୱ ବଢିଯାଇଛି। ଏଥିପାଇଁ ଏବେଠାରୁ ପାରାଦୀପ ବନ୍ଦର ସହରର ସୌନ୍ଦର୍ଯ୍ୟକରଣ କାମ ଆରମ୍ଭ ହୋଇଛି। ବିଶେଷକରି ନୂଆବଜାର ଗୋପବନ୍ଧୁ ଷ୍ଟାଡିୟମଠାରୁ ବନ୍ଦର ୪ ନଂ. ଗେଟ୍ ରାସ୍ତା, ଅଠରବାଙ୍କି ବଡ଼ପଡିଆ ରାସ୍ତା, ମେରାଇନ୍ ଜେଟି, ଆଦି ସ୍ଥାନରେ ରାସ୍ତା ମରାମତି, ରଙ୍ଗ କାମ, ଆଦି ଚାଲିଛି। ଅପରପକ୍ଷେ ଜିଲା ଓ ବନ୍ଦର ପ୍ରଶାସନ ପକ୍ଷରୁ ସୁରକ୍ଷା ନିରାପତ୍ତା, କାର୍ଯ୍ୟକ୍ରମ ବାବଦରେ ସମୀକ୍ଷା କରାଯାଉଛି। ଏପରିକି ବୁଧବାର କୋଷ୍ଟଗାର୍ଡ ପକ୍ଷରୁ ପାରାଦୀପ ଆକାଶରେ ଘନ ଘନ ହେଲିକପ୍ଟର ଯୋଗେ ସ୍ଥିତି ଅନୁଧ୍ୟାନ କରାଯାଉଛି। ସୂଚନାଯୋଗ୍ୟ, ପାରାଦୀପ ବନ୍ଦରର ଏହି ଐତିହାସିକ କାର୍ଯ୍ୟକ୍ରମ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏଥିରେ ରାଷ୍ଟ୍ରପତି ମୁର୍ମୁଙ୍କ ସହ ୨ଜଣ ରାଜ୍ୟପାଳ, ୩ରୁ ଅଧିକ କେନ୍ଦ୍ର ମନ୍ତ୍ରୀ, ଯୋଗ ଦେବେ ବୋଲି କୁହାଯାଇଛି। କିନ୍ତୁ ସରକାରୀ ଭାବେ ଘୋଷଣା କରାଯାଇନାହିଁ। ଏଥିସହ ରାଜ୍ୟ ସରକାରଙ୍କ ପକ୍ଷରୁ ମଧ କେହି ମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ଆସିପାରନ୍ତି ବୋଲି କୁହାଯାଇଛି। ଏତେ ସଂଖ୍ୟକ ଭିଭିଆଇପି ଯୋଗ ଦେବାର କାର୍ଯ୍ୟକ୍ରମ ଥିବାରୁ ସେମାନଙ୍କ ପାଇଁ ସମସ୍ତ ବ୍ୟବସ୍ଥା ହେଉଛି। ରାଷ୍ଟ୍ରପତି ୨୭ ତାରିଖ ସକାଳ ୧୦ଟାରୁ ମଧ୍ୟାହ୍ନ ସାଢେ ୧୨ଟା ପର୍ଯ୍ୟନ୍ତ ରହିବେ। ଗୋପବନ୍ଧୁ ଷ୍ଟାଡିୟମରୁ ବନ୍ଦର ପୋତାଶ୍ରୟ ପର୍ଯ୍ୟନ୍ତ ଗାଡ଼ିରେ ଯିବେ। ଯେଉଁ ବୋଇତ ବନ୍ଦାଣ ହେବ ସେଠାରେ ଏବେଠାରୁ ମକଡ୍ରିଲ୍ ହେଲାଣି। ବସ୍‌ଷ୍ଟାଣ୍ଡ ପାଖ ଦେଇ ତାଙ୍କର ଗସ୍ତ ଥିବାରୁ ସେଠାରେ ଗହଳି ନ ହେବା ପାଇଁ ବ୍ୟବସ୍ଥା କରାଯାଇଛି। ଗସ୍ତର ୪ ଦିନ ପୂର୍ବରୁ ବସ୍‌ଷ୍ଟାଣ୍ଡ ଅସ୍ଥାୟୀ ଭାବେ ମଧୁବନ କ୍ୟାବିନ୍ ମାର୍କେଟ ପାଖକୁ ଯିବ ବୋଲି କୁହାଯାଇଛି। ଏମିତି ଭାବେ ବନ୍ଦର ସହରର ସୌନ୍ଦର୍ଯ୍ୟକରଣ କରାଯାଉଛି।

# ଜହ୍ନି ଲଟା ଉପାଡ଼ିବାକୁ ନେଇ ଗାଁରେ ବିବାଦ



ଦୁର୍ବୃତ୍ତ ଜହ୍ନି ଲଟାକୁ ଉପାଡ଼ି ଦେଇଛନ୍ତି।



ଅଭିଯୁକ୍ତଙ୍କୁ ଧରିବା ଲାଗି ଲୋକନାଥ ମନ୍ଦିରରେ ଶପଥପାଠ।

**୧୪୫ ଲୋକ ଲୋକନାଥ ମନ୍ଦିର ଭୋଗ ଖାଇ ଶପଥ କଲେ**

ପାରାଦୀପ, ୧୫।୧୧ (ଶରତ ରାଉତ)

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ଜିଲାନାସୀ ପଞ୍ଚାୟତ ବରିହାଡିଆ ଗାଁରେ ଜହ୍ନି ଲଟା ଓପାଡ଼ିବା ଘଟଣାକୁ ନେଇ ବୁଧବାର କୌତୁହଳ ଘଟଣା ଘଟିଛି। ଅର୍ଥାତ ଗାଁର ଲୋକ ଜହ୍ନି ଲଟା ଓପାଡି ଥିବା ଅଭିଯୁକ୍ତଙ୍କୁ ଚିହ୍ନଟ ପାଇଁ ଲୋକନାଥ ମନ୍ଦିର ଭୋଗ ଖୁଆଇ ଶପଥ କରିଛନ୍ତି। ଯାହା ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ, ବରିହାଡିଆ ଗ୍ରାମର ପ୍ରଭାତ ବେହେରା ନାମକ ଚାଷୀ ୧୫ ଗୁଣ୍ଠ ଜମିରେ ଜହ୍ନି ଚାରା ରୋପଣ କରିଥିଲେ। ଜହ୍ନି କିଛି ମାତ୍ରାରେ ଲଟେଇ ଯାଇଥିଲା। ମଙ୍ଗଳବାର କେହି ଦୁର୍ବୃତ୍ତ ସବୁ ଚାରା ଓପାଡି ଦେଇଥିଲେ। ଏ ନେଇ ସେ ଗ୍ରାମ ମୁଖିଆଙ୍କ ପାଖରେ ଅଭିଯୋଗ କରିଥିଲେ। ପରେ ଗାଁରେ ବୈଠକ ବସିଥିଲା। ସେଥିରେ ନିଷ୍ପତ୍ତି ନିଆଗଲା ସମସ୍ତେ ପାରାଦୀପଗଡ଼ଠାରେ ଥିବା ପ୍ରସିଦ୍ଧ ଲୋକନାଥ ମନ୍ଦିର ପ୍ରସାଦ ଖାଇ ଶପଥ କରିବେ। ବୁଧବାର ଗାଁର ୧୪୫ ଜଣ ଗାଡ଼ିରେ ଆସି ମନ୍ଦିରରେ ପହଞ୍ଚି ଭୋଗ ଖାଇ ଶପଥ କରିଥିଲେ। କିନ୍ତୁ ଗାଁର ଆଉ ୮ ଜଣ ଆସିନାହାନ୍ତି ବୋଲି ଅଭିଯୋଗକାରୀ ବେହେରା କହିଛନ୍ତି। ଲୋକନାଥ ମନ୍ଦିରରେ କଥିତ ଅଛି, ଯିଏ ଦୋଷ କରିଥିବ ସେ ନିଶ୍ଚୟ ଦଣ୍ଡିତ ହେବ। ଏହି ପ୍ରଥାକୁ ସମ୍ମାନ ଜଣାଇ ଏପରି କରିଛନ୍ତି। ଏହି ସମସ୍ତ ଘଟଣାରେ ଗାଁ ଲୋକ କିମ୍ବା ଅଭିଯୋଗକାରୀ ଥାନାରେ ଅଭିଯୋଗ କରିନାହାନ୍ତି।

# ଅବହେଳିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ

- ୨୫ ଲକ୍ଷ ଟଙ୍କା ବ୍ୟୟରେ ତିଆରି ହୋଇଥିଲା
- ଗୋରୁଙ୍କ ଚରାଭୂଇଁ ପାଲଟିଛି
- ନାମ ଫଳକରୁ ଅକ୍ଷର ହଜିଯାଇଛି

ରାହାମା, ୧୫।୧୧ (ଶ୍ରୀକାନ୍ତ ଦାସ)

କୁଜଙ୍ଗ ବ୍ଲକ ସାରଳା ମହାବିଦ୍ୟାଳୟ, ରାହାମା ସମ୍ମୁଖରେ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ରହିଛି। ସରକାର ଯୁବ ପ୍ରତିଭାମାନଙ୍କୁ ଆଖି ଆଗରେ ରଖି ପ୍ରତି ପଞ୍ଚାୟତରେ ଏହି ଷ୍ଟାଡିୟମ ନିର୍ମାଣ କରୁଛନ୍ତି। ମାତ୍ର ପ୍ରଶାସନିକ ଅବହେଳା, ଆନ୍ତରିକତା ଓ ରକ୍ଷଣାବେକ୍ଷଣ ଅଭାବ ଯୋଗୁ ଏହା କାମରେ ଆସୁନି। ରାହାମାସ୍ଥିତ ବିଜୁ ପଟ୍ଟନାୟକ ଷ୍ଟାଡିୟମ, ୨୦୧୬ରେ ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କ ଦ୍ୱାରା ୨୫ ଲକ୍ଷ ଟଙ୍କା ବ୍ୟୟରେ ଉଦ୍‌ଘାଟିତ ହୋଇଥିଲା। ୩ ବର୍ଷ ପରେ ପୁନର୍ବାର ଷ୍ଟାଡିୟମ ପରିସରରେ ୧୭ ଲକ୍ଷ ଟଙ୍କା ବିନିମୟରେ ଏକ ସ୍ପୋର୍ଟ୍ସ ମିନି ହଲ ନିର୍ମାଣ କରାଯାଇଥିଲା। ଏହା ମଧ୍ୟରେ ଖେଳାଳିମାନଙ୍କ ବ୍ୟାୟାମ କରିବା ପାଇଁ ସମସ୍ତ ଉପକରଣ ରହିଥିବାବେଳେ ପୋଷାକ ପରିବର୍ତ୍ତନ ପାଇଁ ବ୍ୟବସ୍ଥା ରହିଛି। ଅପରପକ୍ଷେ ରକ୍ଷଣାବେକ୍ଷଣ ଅଭାବରୁ ଷ୍ଟାଡିୟମଟି ଗୋରୁମାନଙ୍କ ପାଇଁ ଏବେ ଚାରାଭୂଇଁ ପାଲଟିଛି। ବାହାର ରାଜ୍ୟରୁ ଆସୁଥିବା ଯାଯାବରମାନଙ୍କ ପାଇଁ ଏହା ଆଶ୍ରୟସ୍ଥଳ ପାଲଟିଥିବାବେଳେ



ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମର ପାଚେରି ନ ଥିବାରୁ ମେଣ୍ଢା ଚରୁଛନ୍ତି।

ଷ୍ଟାଡିୟମ ଭିତରେ ଆଲୋକୀକରଣ କରାଯାଇ ନ ଥିବାରୁ ସନ୍ଧ୍ୟାରୁ ମଧରାତ୍ରି ପର୍ଯ୍ୟନ୍ତ ଅସାମବାଜିକ ବ୍ୟକ୍ତି ଓ ନିଶା ଖାଉଥିବା ବ୍ୟକ୍ତିଙ୍କ ଆଡ୍ଡା ସ୍ଥଳ ପାଲଟିଛି। ଏଠାକାର ନିରାପଦର ସ୍ଥାନର ସୁଯୋଗ ନେଇ କେତେଜଣ ଯୁବତୀ ଯୁବକ ଅନୈତିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି।

ଅପରପକ୍ଷେ ଷ୍ଟାଡିୟମର ମୁଖ୍ୟ ଫାଟକ ଭାଙ୍ଗିଯାଇଛି। ଫାଟକରେ ଲେଖାଯାଇଥିବା ନାମଫଳକରୁ କେତୋଟି ଅକ୍ଷର ଗଳି ହଜି ଯାଇଥିବାରୁ ଷ୍ଟାଡିୟମର ନାମ ପଢ଼ିବାରେ ଭ୍ରମ ସୃଷ୍ଟି କରୁଛି। ଷ୍ଟାଡିୟମ ଭିତରେ ଲୋକେ ଅଳିଆ ଆବର୍ଜନା ଆଣି ଫିଙ୍ଗୁଥିବାରୁ ତାହା ଏକ ପ୍ରକାର ଡଷ୍ଟବିନ୍ ପାଲଟିଛି। ଏହାର ଏପରି ଦୁରାବସ୍ଥାକୁ ନେଇ ସନ୍‌ରାଇଜ ସ୍ପୋର୍ଟ୍ସ କ୍ଲବ ରାହାମାର ସଭ୍ୟମାନେ ଆପତ୍ତି ଉଠାଇଛନ୍ତି। କ୍ଲବର ସଭାପତି ସନ୍ତୋଷ ଦାସ, ଆଇନଜୀବୀ କିଶୋର ସ୍ୱାଇଁ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଅରବିନ୍ଦ ଚଇନି, ପ୍ରଶାନ୍ତ କାନୁନ୍‌ଗୋ, ଈଶ୍ୱର ଚନ୍ଦ୍ର ବେହେରା, ତୁଷାରକାନ୍ତ ପଟ୍ଟନାୟକ, ଅମୂଲ୍ୟ ସାହୁ, ଶ୍ରୀକାନ୍ତ ଲେଙ୍କା, ଶଶିକାନ୍ତ ସାହୁ, ଦୀପକ ମହାନ୍ତି, ଜିତେନ୍ଦ୍ର ମହାପାତ୍ର, ପ୍ରଶାନ୍ତ ସାହୁ ପ୍ରମୁଖ ଷ୍ଟାଡିୟମର ଦୁରବସ୍ଥା ନେଇ ପ୍ରଶ୍ନ ଉଠାଇଛନ୍ତି। ଏହା ଭିତରେ ଗୋଟେ ଫୁଟର ମାଟି ପକାଇବା ସହ ଚତୁଃପାର୍ଶ୍ୱରେ ଆଲୋକୀକରଣ ବ୍ୟବସ୍ଥା, ମୁଖ୍ୟ ଫାଟକ ମରାମତି କରାଯାଇଛି। ତେବେ ଷ୍ଟାଡିୟମର ନାମ ସୁନ୍ଦର ଭାବେ ଲେଖିବା, ଏହା ଚାରିପଟେ କଂକ୍ରିଟ ରାସ୍ତା ନିର୍ମା କରିବାକୁ ସ୍ପୋର୍ଟ କ୍ଲବର ସଭ୍ୟଙ୍କ ସହ ରାହାମା ବଣିକ ସଂଘ ସଭାପତି ଜଟାଧାରୀ ଦାସ, ଚିନ୍ମୟ ଦାସଙ୍କ ସମେତ ବୁଦ୍ଧିଜୀବୀ, ଶିକ୍ଷାବିତ୍ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ଦୀପକ ରଞ୍ଜନ ସ୍ୱାଇଁଙ୍କୁ ପଚାରିବାରେ ତାଳପଡ଼ାରେ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଷ୍ଟାଡିୟମରେ ଆଲୋକୀକରଣ ବ୍ୟବସ୍ଥାର ତଦନ୍ତ କରିବା ପାଇଁ କୁହାଯାଇଛି। ଏଥିସହ ପଞ୍ଚାୟତ ଅର୍ଥରେ ଏଠାକାର ବିଭିନ୍ନ ସମସ୍ୟାର ସମାଧାନ କରିବା ପାଇଁ ଯୋଜନା କରାଯାଉଛି ବୋଲି ସେ କହିଛନ୍ତି।

# ବିରିଡ଼ି ବ୍ଲକରେ ଭାଜପାର ଜନଆକ୍ରୋଶ ଘେରାଉ

ବିରିଡି, ୧୫।୧୧ (ପ୍ରଶାନ୍ତ କୁମାର ରାଉତ)

ବିରିଡି ବ୍ଲକ ଭାଜପା ପକ୍ଷରୁ ଜନଆକ୍ରୋଶ ଘେରାଉ ବୁଧବାର ହୋଇଯାଇଛି। ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ଭାଜପା ନେତା ଆଇନଜୀବୀ ରାଜକିଶୋର ବେହେରାଙ୍କ ନେତୃତ୍ୱରେ ବହୁ ଭାଜପା କର୍ମୀ ଘେରାଉରେ ସାମିଲ ହୋଇଥିଲେ। ବ୍ଲକ ସମ୍ମୁଖରେ ଆୟୋଜିତ ସଭାରେ ସଭାପତିତ୍ୱ କରିଥିଲେ ବାଗଲପୁର ସରପଞ୍ଚ ତଥା ପୁରଣମଣ୍ଡଳ ଭାଜପା ସଭାପତି ତରୁଣ କୁମାର ଦାସ, ମୁଖ୍ୟ ଅତିଥି ଭାବେ ଜଗତ୍‌ସିଂହପୁର ଜିଲା ଭାଜପା ସଭାପତି ସତ୍ୟବ୍ରତ ମହାପାତ୍ର, ଅନ୍ୟମାନଙ୍କ ମଧ୍ୟରେ ହାଜିପୁର ମଣ୍ଡଳ ସଭାପତି ସୁଦର୍ଶନ ପଣ୍ଡା, ଶିବପୁର ସରପଞ୍ଚ ରମେଶ ଚନ୍ଦ୍ର ମହାନ୍ତି, ବଡଖଣ୍ଡେଇତ ସମିତି ସଭ୍ୟ ରଞ୍ଜନ କୁମାର ବେହେରା, ଭାଜପା ନେତା ବିଭୂତି ଭୂୟାଁ, ଶିଶିର ମହାନ୍ତି, ରମକୃଷ୍ଣ ପରିଜା, ଟୁଟୁ ମଲ୍ଲିକ, ଶୁଭ୍ରଜ୍ୟତି ସାହୁ, ବନମାଳୀ ବେହେରା, ପୂର୍ବତନ ସରପଞ୍ଚ ସନ୍ତୋଷ ରାଉଳ ପ୍ରମୁଖ ଯୋଗଦେଇଥିଲେ। ସେମାନେ ରାଜ୍ୟ ସରକାରଙ୍କ ଦୁର୍ନୀତି, ବ୍ୟଭିଚାର ଓ ଅଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ବିରୋଧରେ ବକ୍ତବ୍ୟ ରଖିଥିଲେ। ବିରିଡି ବ୍ଲକରେ ଦୁର୍ନୀତି ବଢିଯାଇଛି ବୋଲି ଭାଜପା କର୍ମୀମାନେ ଘୋର ଉଦ୍‌ବେଗ ପ୍ରକାଶ କରିବା ସହ ଆଗାମୀଦିନରେ ଯଦି ପିସି କାରବାର ବନ୍ଦ ନ ହୁଏ ତେବେ ବ୍ଲକ ଭିତରେ ପଶି ସମସ୍ତ କାର୍ଯ୍ୟ ଅଚଳ କରିବେ ବୋଲି ନେତା ଓ କର୍ମୀମାନେ ଚେତାବନୀ ଦେଇଥିଲେ। ଶେଷରେ ବିଭୁପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ।



ଜିଲା ଭାଜପା ସଭାପତି ସତ୍ୟବ୍ରତ ମହାପାତ୍ର ଓ ଅନ୍ୟମାନେ।

## ସଂକ୍ଷେପରେ

### ୫୨ ୟୁନିଟ ରକ୍ତ ସଂଗୃହୀତ

ଛତ୍ରପୁର,୧୫।୧୧(ଦିଲୀପ ସାମଲ)

ବଡ଼ମାଧପୁର ଶ୍ୟାମାକାଳୀ ଯୁବକ ସଂଘ ପକ୍ଷରୁ ଚଳିତବର୍ଷ ଶ୍ୟାମା କାଳୀ ପୂଜାର ଚତୁର୍ଥ ଦିବସରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ଯୁବକମାନେ ୫୨ ୟୁନିଟ ରକ୍ତ ଦାନ କରିଛନ୍ତି। ଅତିଥି ଭାବେ ନିହାର ରଞ୍ଜନ ନାୟକ ଯୋଗଦେଇ ରକ୍ତଦାତାଙ୍କୁ ରକ୍ତଦାନର ମହନୀୟତା ବୁଝାଇଥିଲେ। ଯୁବକ ସଂଘ ସଭାପତି ଏସ୍ ଯୁଧିଷ୍ଠିର ରେଡ୍ଡୀ, ସମ୍ପାଦକ ଶିବରଞ୍ଜନ ସାହୁ, ଉପ ସଭାପତି ଦେବାଶିଷ ବେହେରା, ଟ୍ରଷ୍ଟି ମହେନ୍ଦ୍ର ଗୌଡ଼ କୋଷାଧ୍ୟକ୍ଷ ଏସ୍ ସୁଶାନ୍ତ ରେଡ୍ଡୀ, ଉପଦେଷ୍ଟା ରଘୁନାଥ ବେହେରା, ଟି କିଶୋର ରେଡ୍ଡୀ, ପଦ୍ମ ଲାଭ ସାହୁ ପ୍ରମୁଖ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

### ମାସେ ହେଲା ସୋଲାର ପମ୍ପ ଅଚଳ

ଖଜୁରିପଡ଼ା,୧୫।୧୧(ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ଦୃତିପଡା ପଞ୍ଚାୟତର ଶିଦୀଙ୍ଗୀ ଗ୍ରାମରେ ଏକ ମାସ ହେବ ଯାନ୍ତ୍ରିକ ତ୍ରୁଟି ଯୋଗୁ ସୌରଶକ୍ତି ଦ୍ୱାରା ପରିଚାଳିତ ହେଉଥିବା ସୋଲାର ପମ୍ପ ବନ୍ଦ ହୋଇ ରହିଛି। ଫଳରେ ଗାଁରେ ପିଇବା ପାଣି ସମସ୍ୟା ଦେଖାଦେଇଛି । ଗ୍ରାମବାସି ଅଭିଯୋଗ କଲେ ସୁଦ୍ଧା ତାହା ମରାମତି ନ ହେଉଥିବାରୁ ବନ୍ଧ ପାଣି ବ୍ୟବହାର କରୁଛନ୍ତି। ଏହି ସୋଲାର ପମ୍ପ ମରାମତି କଲେ ପାନୀୟ ଜଳ ସମସ୍ୟା ଦୂରୀକରଣ ହୋଇପାରିବ ବୋଲି ଗ୍ରାମବାସୀ କହିଛନ୍ତି।

### ଆକ୍ରମଣ ମାମଲାରେ ୩ ଦୋଷୀ ସାବ୍ୟସ୍ତ

ଦିଗପହଣ୍ଡି,୧୫।୧୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଜେଏମଏଫସି କୋର୍ଟରେ ମାଜିଷ୍ଟ୍ରେଟ ପ୍ରିୟଦର୍ଶିନୀ ତ୍ରିପାଠୀ ଏକ ଆକ୍ରମଣ ମାମଲାର ଚୂଡାନ୍ତ ରାୟ ପ୍ରକାଶ କରି ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରି ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଗତ ୨୦୦୫ ଜୁନ ୧୩ ତାରିଖରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୋକର୍ଣ୍ଣପୁର ଗ୍ରାମର ଏସ୍.ସିମାଦ୍ରି ଦୋରାଙ୍କୁ ସେହି ଗ୍ରାମର ବନା ସେଠୀ, ଝୁନୁ ସେଠୀ ଓ ପ୍ରକାଶ ସେଠୀ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ମାମଲାରେ ୭ ସାକ୍ଷୀ କୋର୍ଟରେ ସେମାନଙ୍କ ବୟାନ ଦେଇଥିଲେ। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ମାଜିଷ୍ଟ୍ରେଟ ମଙ୍ଗଳବାର ପ୍ରତ୍ୟେକ ଅଭିଯୁକ୍ତଙ୍କୁ ୩ ଶହ ଟଙ୍କା ଲେଖାଏଁ ଜରିମାନା ଆଦେଶ ଦେବା ସହ ଅନାଦେୟ ୧୦ ଦିନ ଜେଲ ଯିବାକୁ ଆଦେଶ ଦେଇଥିଲେ। କ୍ୟାଡର ଏପିପି ବିପ୍ଳବ କୁମାର ମୁଦୁଲି ଏବଂ ଏପିପି ନକୁଳ ପ୍ରଧାନ ମାମଲା ପରିଚାଳନା କରିଥିଲେ।

### ବାର୍ଷିକ ଶିଶୁ ମହୋତ୍ସବ

ପୋଲସରା,୧୫।୧୧(ସୁବ୍ରତ ବେହେରା)

ପୋଲସରା ସମ୍ମନିତ ଶିଶୁ ବିକାଶ ଅଧୀନରେ ଥିବା ୨୧୪ ଅଙ୍ଗନୱାଡି ଅର୍ଥାତ ୭ଟି ସେକ୍ଟର ପ୍ରତ୍ୟେକ କେନ୍ଦ୍ରରେ ବାର୍ଷିକ ଶିଶୁ ମହୋତ୍ସବ ପାଳିତ ହୋଇଛି। କଳମ୍ବ, ପୋଲସରା, ମଥୁରା, ତୁଙ୍ଗାପଡ଼ା, ଚିରିକିପଡ଼ା, ହାତୀଓଟ ଓ ପୋଲସରା ଏନ୍ଏସିରେ ସମସ୍ତ କେନ୍ଦ୍ର ମାନଙ୍କରେ ଶିଶୁ ମାନଙ୍କୁ ନେଇ ନାଚ, ଗୀତ, ଗପ, ଖେଳ ଓ ବିଭିନ୍ନ ପ୍ରତିଯୋଗିତା କରାଯାଇ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଶିଶୁମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ୬ ଜଣ ସୁପରଭାଇଜର, ସମସ୍ତ ଅଙ୍ଗନୱାଡି ୱାର୍କର, ଆଶା କର୍ମୀ, ସମସ୍ତ ଅଭିଭାବକ ଉପସ୍ଥିତ ଥିଲେ।

# ଗଞ୍ଜାମ ଜିଲ୍ଲାକୁ ମହାନଦୀରୁ ଆସିବ ପାଣି

## ଉପକୃତ ହେବେ ୧୦ ବ୍ଲକର ଲୋକେ

ଛତ୍ରପୁର,୧୫।୧୧(ସନ୍ତୋଷ ପାଢୀ)

ମହାନଦୀରୁ ଗଞ୍ଜାମ ଜିଲ୍ଲାକୁ ପାଣି ଆସିବ। ଏ ନେଇ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ମହାନଦୀରୁ ଖୋର୍ଦ୍ଧା ଜିଲା ଦେଇ ଗଞ୍ଜାମ ଜିଲାର ଭଞ୍ଜନଗର ଅଞ୍ଚଳକୁ ପାଣି ଆଣିବା ବ୍ୟବସ୍ଥା ହୋଇଛି। ଏହାଦ୍ୱାରା ଗଞ୍ଜାମ ଜିଲାର ୧୦ଟି ବ୍ଲକର ଲୋକେ ପାଇପ୍ ଯୋଗେ ପାନୀୟଜଳ ପାଇପାରିବେ। ପ୍ରଥମ ପର୍ଯ୍ୟାୟରେ ମହାନଦୀରୁ ୩୮.୮୬ କ୍ୟୁସେକ ପାଣି ଭଞ୍ଜନଗର ଆରଡବ୍ଲ୍ୟୁଏସଏସ ଅଧୀକ୍ଷଣ ଯନ୍ତ୍ରୀ ଡିଭିଜନକୁ ପାଣି ଦେବା ପାଇଁ ଅନୁମୋଦନ ମିଳିଛି । ଏସମ୍ପର୍କରେ ରାଜ୍ୟ ଜଳସମ୍ପଦ ବିଭାଗର ଅଣ୍ଡର ସେକ୍ରେଟାରୀ ସସ୍ମିତା ମିଶ୍ର ଗଞ୍ଜାମ ଜିଲାପାଳଙ୍କୁ ଚିଠି (ନଂ୩୧୨୨୧) ଏବଂ ଭଞ୍ଜନଗର ଆରଡବ୍ଲ୍ୟୁଏସଏସ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀଙ୍କୁ ଚିଠି (ନଂ୩୧୨୧୮) ମାଧ୍ୟମରେ ଜଣାଇଛନ୍ତି। ଏହାକୁ ତ୍ୱରାନ୍ୱିତ କରିବାକୁ କୁହାଯାଇଛି। ଭଞ୍ଜନଗର ଅଧିକ୍ଷଣ ଯନ୍ତ୍ରୀ ଡିଭିଜନ ପକ୍ଷରୁ ସେଠାରେ ମେଗା ପାନୀୟ ଜଳ ଯୋଗାଣ ଯୋଜନା ପ୍ରତିଷ୍ଠା କରାଯିବ ଏବଂ ଏହାଦ୍ୱାରା ୧୦ଟି ବ୍ଲକକୁ ପାଇପ ଜଳ ଯୋଗାଣ ପାଇଁ ନିଷ୍ପତ୍ତି ହୋଇଛି। ୨୦୨୪ରେ ଉକ୍ତ ବ୍ଲକଗୁଡିକୁ ପାଣି ଯୋଗାଣ ପାଇଁ ଲକ୍ଷ୍ୟ ରଖାଯାଇଛି। ଗଞ୍ଜାମ ଜିଲା ଆଇଆଇଏସ ସୁବଳୟା ନିକଟ ଚାମୁଣ୍ଡିଆ ପଞ୍ଚାୟତର କରିପୋଖରୀ ନିକଟକୁ ମହାନଦୀରୁ ପାଣି ଆସିବ ଏବଂ ଏଠାରେ ଇନଟେକ୍ ଷ୍ଟ୍ରକଚର ସ୍ଥାପନ କରାଯିବ । ଏଠାରୁ ଭଞ୍ଜନଗର ଆରଡବ୍ଲ୍ୟୁଏସଏସ ପକ୍ଷରୁ ୧୦ଟି ବ୍ଲକ କୁ ପାନୀୟ ଜଳ ଯୋଗାଣ ହେବ ବୋଲି ଜଣାପଡିଛି। କେବଳ ପାନୀୟ ଭାବେ ଏହି ଜଳ ବ୍ୟବହାର କରାଯିବ । ଅନ୍ୟ କୌଣସି କାମ ପାଇଁ ଏହା ବ୍ୟବହାର ନକରିବାକୁ କୁହାଯାଇଛି । ଫ୍ଲୋ ୱାଟର ମିଟର କିମ୍ବା ସେନ୍ସର ଲଗାଯାଇ ପାଣିର ଉଚ୍ଚତା ମପାଯିବ । ଇନଟେକ୍ ଷ୍ଟ୍ରକଚର ସହ ଟ୍ରିଟମେଣ୍ଟ ପ୍ଲାଣ୍ଟ ସ୍ଥାପନ କରାଯିବ । ପ୍ରତି ୩ ମାସକୁ ଥରେ ଉଠାଯାଉଥିବା ପାଣି ଏବଂ ଏହାର ବ୍ୟବହାର ସମ୍ପର୍କରେ ଅଡିଟ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାର ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଇଦିଆଯାଇଛି । ସୂଚନାଯୋଗ୍ୟ, ଗତ ଜୁନ୍ ମାସରେ ଭଞ୍ଜନଗର ଆରଡବ୍ଲ୍ୟୁଏସଏସ ଅଞ୍ଚଳକୁ ଉକ୍ତ ମେଗା ପାନୀୟ ଜଳ ଯୋଗାଣ ଯୋଜନା କାର୍ଯ୍ୟକାରୀ କରିବାକୁ ରାଜ୍ୟ ଜଳସମ୍ପଦ ବିଭାଗ ନିକଟରେ ଆବେଦନ କରାଯାଇଥିଲା।

# ଏମ୍ଜିଏନ୍ଆର୍ଇଜିଏସ୍‌ରେ ଦୁର୍ନୀତି

## ଗୋଟିଏ କାମକୁ ଦୁଇଟି ନାଁ ଦେଇ ଅର୍ଥ ଚଳୁ ଅଭିଯୋଗ



ନାମ ଫଳକ।

ପୋଲସରା,୧୫।୧୧(ସୁବ୍ରତ ବେହେରା)

ପୋଲସରା ବ୍ଲକ ଅନ୍ତର୍ଗତ ତୁଙ୍ଗାପଡ଼ା ଗ୍ରାମ ପଞ୍ଚାୟତରେ ଗୋଟିଏ କାମକୁ ଗୋଟିଏ ଫଳକରେ ଦୁଇଟି କାର୍ଯ୍ୟର ନାମ ଦର୍ଶାଇ ଅର୍ଥ ଚଳୁ କରାଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ପଞ୍ଚାୟତର ତୁଙ୍ଗାପଡ଼ା ଗ୍ରାମ ଆର୍ଥିକ ବର୍ଷ ୨୦୨୨/୨୩ କାର୍ଯ୍ୟର କୋଡ଼ ନମ୍ବର ୧୦୫୪୨୭୭୫ ଅର୍ଥାତ୍ କାର୍ଯ୍ୟର ନାମ ଭାଇବୋହୁ ରୋଡ଼ଠାରୁ ଅତିଥି ଭବନ ଯାଏ କଲଭର୍ଟ ନିର୍ମାଣ ନାମରେ ଅଟକଳ ମୂଲ୍ୟ ୫ ଲକ୍ଷ ଟଙ୍କା ରହିଥିବା ବେଳେ ୧ଲକ୍ଷ ୪୮ ହଜାର ୮୩୬ ଟଙ୍କା ଶ୍ରମିକମାନଙ୍କ ପାଇଁ ଟଙ୍କା ଉଠାଣ ହୋଇଥିବା ଅନଲାଇନରେ ଦର୍ଶାଯାଇଛି। ସାମଗ୍ରୀ ବିଲ ପାସ ପାଇଁ ପଠା ଯାଇଥିବା ଅନଲାଇନ୍ ମାଧ୍ୟମରେ ଜଣାପଡିଛି। ସେହିପରି ଉକ୍ତ ଫଳକକୁ କଲର ଦେଇ ଆର୍ଥିକ ବର୍ଷ ୨୦୨୨/୨୩ କାର୍ଯ୍ୟର କୋଡ଼ ନମ୍ବର ୧୦୫୫୧୮୧୯ କାର୍ଯ୍ୟର ନାମ ହତା ରୋଡ଼ ଠାରୁ ଆର୍ ଡି ରୋଡ଼ ଯାଏ କଲଭର୍ଟ ନିର୍ମାଣ ନାମରେ ଅଟକଳ ପରିମାଣର ମୂଲ୍ୟ ୫ଲକ୍ଷ ଟଙ୍କା ଫଳକରେ ଲେଖା ଯାଇଥିବା ବେଳେ ୧ଲକ୍ଷ ୯ହଜାର ୯୦୮ ଟଙ୍କା ଶ୍ରମିକ ମାନଙ୍କ ପାଇଁ ଟଙ୍କା ଉଠାଣ ହୋଇଥିବା ବେଳେ ସାମଗ୍ରୀ ଅଂଶ ପାଇଁ ବିଲ୍ ପାସ୍ କରିବା ପାଇଁ ପଠାଯାଇଥିବା ଅନଲାଇନ୍ ମାଧ୍ୟମରେ ଦେଖିବାକୁ ମିଳିଛି। ସେହି ସ୍ଥାନରେ ହତା ରୋଡ଼ ନଥିବା ନେଇ ସାଧାରଣ ଲୋକଙ୍କ ମନରେ ପ୍ରଶ୍ନ ଉଠିଥିବା ବେଳେ ଏହାର ତଦନ୍ତ କରାଯିବ ବୋଲି ବିଡିଓ କୁରେଶ୍ ଚନ୍ଦ୍ର ଜାନି ମୌଖିକ ଭାବେ କହିଛନ୍ତି।

## ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ଅବହେଳା

# ‘ଓ’ ପଜିଟିଭ୍ ବଦଳରେ ରୋଗୀଙ୍କୁ ଦେଲେ ‘ବି’ ପଜିଟିଭ ରକ୍ତ




ପାରଳାଖେମୁଣ୍ଡି(ଗିରିଧାରୀ ପରିଚ୍ଛା):୧୫।୧୧

ଗଜପତି ଜିଲା ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟରେ କର୍ମଚାରୀଙ୍କ ଚରମ ଅବହେଳା ଦେଖିବାକୁ ମିଳିଛି। ଚିକିତ୍ସା ପାଇଁ ଆସିଥିବା ରୋଗୀଙ୍କୁ ‘ଓ’ ପଜିଟିଭ୍ ବଦଳରେ ‘ବି’ ପଜିଟିଭ୍ ରକ୍ତ ଦିଆଯାଇଥିବା ବୁଧବାର ଅଭିଯୋଗ ହୋଇଛି। ରୋଗୀଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅବଜର୍ଭେଶନରେ ରଖାଯାଇଛି। ଭେଙ୍କେଟେଶ୍ୱର ବେହେରା ନାମକ ଜଣେ ଅର୍ଶ ରୋଗୀ ଅସୁସ୍ଥ ହୋଇ ଗତ ୧୩ତାରିଖରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଆସିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବା ଦେଖି ଡାକ୍ତର ରକ୍ତ ଚଢାଇବାକୁ ପରାମର୍ଶ ଦେଇଥିଲେ। ଭେଙ୍କେଟେଶ୍ୱରଙ୍କ ଓ ପଜିଟିଭ୍ ରକ୍ତ ଥିବାରୁ ତାଙ୍କୁ ୧୩ ତାରିଖରେ ଗୋଟେ ୟୁନିଟ ରକ୍ତ ଦିଆଯାଇଥିଲା। ସେହିଭଳି ମଙ୍ଗଳବାର ଆଉଗୋଟେ ୟୁନିଟ ଓ ପଜିଟିଭ୍ ରକ୍ତ ଦିଆଯାଇଥିଲା। ଡାକ୍ତର ବୁଧବାର ରୋଗୀଙ୍କ ସ୍ଥିତି ଯାଞ୍ଚ କରି ଆଉ ଗୋଟେ ୟୁନିଟ ରକ୍ତ ଦେବାପାଇଁ ପରାମର୍ଶ କରିଥିଲେ । ଡାକ୍ତରଙ୍କ କହିବା ଅନୁସାରେ ତାଙ୍କ ସମ୍ପର୍କୀୟ ବ୍ଲଡ଼ ବ୍ୟାଙ୍କରୁ ରକ୍ତ ଆଣି ୱାର୍ଡରେ କାର୍ଯ୍ୟରତ ନର୍ସଙ୍କୁ ଦେଇଥିଲେ। ଅପରାହ୍ନ ୧ଟାରେ ଭେଙ୍କେଟେଶ୍ୱରଙ୍କୁ ନର୍ସ ରକ୍ତ ଚଢାଇବା ବେଳେ ଓ ପଜିଟିଭ ଦେବା ବଦଳରେ ଅନ୍ୟ ରୋଗୀର ବି ପଜିଟିଭ୍ ରକ୍ତ ଚଢାଇ ଦେଇଥିଲେ। ରକ୍ତ ଚଢ଼ାଇବା କିଛି ସମୟ ମଧ୍ୟରେ ରୋଗୀ ଅସୁସ୍ଥ ଅନୁଭବ କରି ନିଜ ସମ୍ପର୍କୀୟଙ୍କୁ ଜଣାଇଥିଲେ। ତେବେ ରକ୍ତ ପ୍ୟାକେଟ ଦେଖି ଏହା ବି ପଜିଟିଭ୍ ରକ୍ତ ବୋଲି ରୋଗୀଙ୍କ ସମ୍ପର୍କୀୟ ଜାଣିବାକୁ ପାଇ ତୁରନ୍ତ ଡାକ୍ତର, ନର୍ସ ସମସ୍ତଙ୍କୁ ଡାକିଥିଲେ। ଏହାପରେ ରକ୍ତ ପ୍ୟାକେଟ ବାହାର କରି ଜବତ କରାଯାଇଛି। ବର୍ତ୍ତମାନ ରୋଗୀକୁ ଅବଜର୍ଭେଶରେ ରଖାଯାଇଥିବା ଡିଏମ୍ଓ ରମେଶ ଚନ୍ଦ୍ର ପଣ୍ଡା କହିଛନ୍ତି। ଯେଉଁ ନର୍ସ ଏଭଳି କାର୍ଯ୍ୟ କରିଛନ୍ତି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

ପାରଳାଖେମୁଣ୍ଡି,୧୫।୧୧(ଗିରିଧାରୀ ପରିଚ୍ଛା)

ଗଜପତି ଜିଲାରେ ଖରିଫ ଧାନ ସଂଗ୍ରହ ପାଇଁ ଜିଲା ସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ଡିସେମ୍ବର ୧୫ ତାରିଖରୁ ପର୍ଯ୍ୟାୟ କ୍ରମେ ବିଭିନ୍ନ ବ୍ଲକର ମଣ୍ଡିରୁ ଧାନ କ୍ରୟ ନିମନ୍ତେ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା। ବୈଠକରେ ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ, ଏମ୍ପି ପ୍ରତିନିଧି ଏସ. ଲିଙ୍ଗରାଜ, ଜିଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ ଓ ଡ଼. ଗୁଣନିଧି ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲାପରିଷଦ ଗଜପତି ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁନୀଲ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ପ୍ରଥମେ ଜିଲା ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବୈଠକରେ ଚାଷୀ ପ୍ରତିନିଧି, ମିଲର ତଥା ପ୍ରଶାସନିକ ସହଯୋଗରେ ଚଳିତ ଖରିଫ ଧାନ ସଂଗ୍ରହ କରିବାକୁ ସର୍ବସମ୍ମତି କ୍ରମେ ଆଲୋଚନା କରଯାଇଥିଲା। ସୂଚନା ଅନୁଯାୟୀ, କାଶୀନଗର, ଗୋଷାଣୀ, ରାୟଗଡ଼ ଓ ଗୁମ୍ମା ବ୍ଲକରେ ଡିସେମ୍ବର ୧୫ ତାରିଖ ଚଳିତ ବର୍ଷ ଏଫ୍.ଏ.କ୍ୟୁ ଧାନର ସରକାରୀ ଧାର୍ଯ୍ୟ ମୂଲ୍ୟ ପ୍ରତି କୁଇଣ୍ଟାଲ ୨୧୮୩/- ଟଙ୍କା ଏବଂ ଗ୍ରେଡ-ଏ ମୂଲ୍ୟ ପ୍ରତି କିଣ୍ଟାଲ ୨୨୦୩/- ଟଙ୍କାରେ କିଣିବାକୁ ଧାର୍ଯ୍ୟ ରଖାଯାଇଛି। ବୈଠକରେ ବିଭାଗୀୟ ଅଧିକାରୀ, ଜିଲା ଚାଷୀ ପ୍ରତିନିଧି, ମିଲର ସଭାପତି, ଚାଷୀ ପ୍ରତିନିଧି ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ସର୍ଗି ଫୁଲ ମହୋତ୍ସବ



ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ଦାରିଙ୍ଗବାଡି,୧୪।୧୧(ଅରୁଣ ସାହୁ )

- ୧୧ଟି ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ
- ପାରମ୍ପରିକ ନୃତ୍ୟରେ ମଞ୍ଚ ଦୁଲୁକିଲା

ଦାରିଙ୍ଗବାଡି ବ୍ଲକ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ତଥା ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ସର୍ଗି ଫୁଲ ମହୋତ୍ସବ ପାଳନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଝୁନୁରାଣୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଦାରିଙ୍ଗବାଡି ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଙ୍କ ମଧ୍ୟରେ ସ୍ଥାନୀୟ ତହସିଲଦାର ଶରତ ଶବର, ଦାରିଙ୍ଗବାଡି ସରପଞ୍ଚ ସୁଶ୍ରୀ ଚନ୍ଦ୍ରିକା ମଲିକ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଶ୍ୱଜିତ ଜାଲି ପ୍ରମୁଖ ମଞ୍ଚାସିନ ଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଞ୍ଚଳର ୧୨ଟି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ଯୋଗ ଦେଇଥିଲେ। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ପ୍ରତିଯୋଗୀଙ୍କୁ ଜିଲା ସ୍ତରୀୟ ସର୍ଗିଫୁଲ ମହୋତ୍ସବରେ ଭାଗ ନେବାପାଇଁ ମନୋନୀତ କରାଯାଇଥିଲା। ବିଡିଓ ଗଦାଧର ପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର, ପୁରସ୍କାର ବିତରଣ କରିଥିଲେ।

# ଦୁର୍ନୀତି ନେଇ ଭାଜପାର ବିକ୍ଷୋଭ, ଦାବିପତ୍ର ପ୍ରଦାନ



କବିସୂର୍ଯ୍ୟନଗର,୧୫।୧୧(କୃପାସିନ୍ଧୁ ସ୍ୱାଇଁ)

ରାଜ୍ୟରେ ଚାଲିଥିବା ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ବୁଧବାର କବିସୂର୍ଯ୍ୟନଗର ଭାଜପା ପକ୍ଷରୁ ବ୍ଲକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟ ଭାଜପା ଆହ୍ୱାନକ୍ରମେ ସ୍ଥାନୀୟ ନେତା ପ୍ରତାପ ନାୟକଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଦୁର୍ନୀତି ବିରୋଧରେ ବିଭିନ୍ନ ନାରାବାଜି ଦେଇ ସହର ପରିକ୍ରମା କରିବା ପରେ ବ୍ଲକ ଆଗକୁ ଯାଇଥିଲେ। ସେଠାରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ବାଟମାରଣା କରି କୋଟି କୋଟି ଟଙ୍କା ହରିଲୁଟ କରିଥିବା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ଭାଜପା ନେତାମାନେ ବର୍ଷିଥିଲେ। କର୍ମୀ କିମ୍ବା ନେତାମାନଙ୍କୁ ବ୍ଲକ ସମ୍ମୁଖରେ ମୁତୟନ ପୋଲିସ ଭିତରକୁ ନ ଛାଡି ନଥିଲେ। ଫଳରେ ଦୀର୍ଘ ସମୟ ଧରି ବ୍ଲକ ସମ୍ମୁଖରେ କର୍ମୀ ବସିରହି ମୁଖ୍ୟରାସ୍ତାକୁ ଅବରୋଧ କରିବାରୁ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା। ବିଭିନ୍ନ ଦାବି ସମ୍ବଳିତ ଏକ ପତ୍ର ରାଜ୍ୟପାଳ ଉଦ୍ଦେଶ୍ୟରେ ବିଡ଼ିଓଙ୍କୁ ପ୍ରଦାନ କରାଯାଇଛି। ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ଶତପଥୀ, ଜିଲା ସଭାପତି ଗୋକୁଳାନନ୍ଦ ମଲ୍ଲିକ, ନୀଳମଣି ବିଷୋୟୀ, ଅରୁଣ ପଣ୍ଡା, ଅନିତା ପ୍ରିୟଦର୍ଶିନୀ, ଦୀନବନ୍ଧୁ ସାହୁ, ଶ୍ରୀକାନ୍ତ ମହାପାତ୍ର, ଶିବରାମ ପଣ୍ଡା ସମେତ ନାରାୟଣ ଡାକୁଆ, ଶ୍ରୀକାନ୍ତ ପଣ୍ଡା, କୃଷ୍ଣ ବିଷୋୟୀ, ଦୁର୍ଯ୍ୟୋଧନ ଖଣ୍ଡୁଆଳ, କାଳୁଚରଣ ପ୍ରଧାନ, ପିତାମ୍ବର ସେନାପତି, ଶରତ କୁମାର ସ୍ୱାଇଁ, ରାଜୀବ ବେହେରା, ନାରାୟଣ ବିଶ୍ୱାଳ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ।

# ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଆବଶ୍ୟକତା ଶୀର୍ଷକ ଆଲୋଚନାଚକ୍ର

ଦିଗପହଣ୍ଡି,୧୫।୧୧(ଅଶେଷ ନାଥ ମିଶ୍ର)

ଭାରତ ସରକାରଙ୍କ ‘ନ୍ୟାସନାଲ ଇନିଷ୍ଟିଚ୍ୟୁଟ ଅଫ ଇଲେକ୍ଟ୍ରୋନିକ୍ସ ଏଣ୍ଡ୍ ଇନଫର୍ମେସନ ଟେକ୍ନୋଲୋଜି’ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଦିଗପହଣ୍ଡି ସ୍ଥିତ ଆଡଭାନ୍ସ କମ୍ପ୍ୟୁଟର ପ୍ରଶିକ୍ଷଣ ଅନୁଷ୍ଠାନ ପକ୍ଷରୁ ‘ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଆବଶ୍ୟକତା’ ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଏସ. ଶଙ୍କର ଦୋରାଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନ ଏବଂ ସହ ନିର୍ଦ୍ଦେଶିକା ସୁନିତା ପଲାଇଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ସ୍ଥିତ ଉପ ଆଞ୍ଚଳିକ ନିଯୁକ୍ତି ଅଧିକାରୀ ତପନ କୁମାର ରାଉଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତିର ଗଞ୍ଜାମ ଜିଲା ସଭାପତି ତଥା ଆଇନଜୀବୀ ହରପ୍ରସାଦ ରଥ, ଓକେସିଏଲ ଗଞ୍ଜାମ ଜିଲା ସଂଯୋଜିକା ଏସ୍.ରେଖା ମହାନ୍ତି, ଗଜପତି ଜିଲା ସଂଯୋଜକ ଶ୍ରୀକାନ୍ତ ମହାନ୍ତି, ଶିକ୍ଷାବିତ ନରସିଂହ ପଣ୍ଡା ଏବଂ ସୁବାସ ଚନ୍ଦ୍ର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ୧୦ ଜଣ ଛାତ୍ରୀଛାତ୍ରଙ୍କୁ ଜିନିଅସ୍ ଆୱାର୍ଡ ପ୍ରମାଣପତ୍ର ସହ ପୁରସ୍କାର ବଣ୍ଟନ କରାଯାଇଥିଲା। ଶେଷରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଭଞ୍ଜନଗର ଆଇଟିଆଇ ଉଦ୍‌ଘାଟିତ

ଭଞ୍ଜନଗର,୧୫।୧୧(ବାବୁଲା ପ୍ରଧାନ)



ଆଇଟିଆଇଠାରେ ମନ୍ତ୍ରୀ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି ।

- ଅତିରିକ୍ତ ଶ୍ରେଣୀ ଗୃହ, ମିଶନ ଶକ୍ତି ଭବନ ଉଦ୍‌ଘାଟନ କଲେ ମନ୍ତ୍ରୀ

୧୪ କୋଟିଟଙ୍କାବ୍ୟୟରେନିର୍ମିତଭଞ୍ଜନଗର ଶିଳ୍ପ ତାଲିମ କେନ୍ଦ୍ର(ଆଇଟିଆଇ), ୧କୋଟି ୫୩ଲକ୍ଷ ବ୍ୟୟରେ ନିର୍ମିତ ସାବିତ୍ରୀ ମହିଳା ମହାବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ ଏବଂ ୫୦ଲକ୍ଷ ଟଙ୍କାରେ ନିର୍ମିତ ବ୍ଲକ ମିଶନ ଶକ୍ତି ଭବନ ବୁଧବାର ଉଦ୍‌ଘାଟିତ ହୋଇଛି। ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏସବୁ ଉଦ୍‌ଘାଟନ କରିଥିଲେ। ବ୍ଲକ ମିଶନ ଶକ୍ତି ଭବନ ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ଆରୁଖ କହିଥିଲେ, ମହିଳାମାନଙ୍କୁ ବିନା ସୁଧରେ ଋଣ ଯୋଗାଇ ଦିଆଯାଉଛି। ଚଳିତବର୍ଷ ୧୧ ହଜାର କୋଟି ଟଙ୍କା ପ୍ରଦାନ କରାଯିବ। ମିଶନ ଶକ୍ତି ମାଧ୍ୟମରେ ବଜେଟରେ ସର୍ବାଧିକ ଅର୍ଥ ବରାଦ ହୋଇଛି ବୋଲି କହିଥିଲେ। ଭଞ୍ଜନଗର ଆଇଟିଆଇରେ ଅଞ୍ଚଳର ଛାତ୍ରୀଛାତ୍ରମାନେ ପଢ଼ିବାର ସୁଯୋଗ ପାଇବେ । ସେହିପରି ଛାତ୍ରୀମାନଙ୍କ ଉନ୍ନତି ପାଇଁ ସାବିତ୍ରୀ ମହିଳା ମହାବିଦ୍ୟାଳୟର ଉନ୍ନତୀକରଣ କରାଯାଇଛି ବୋଲି ମନ୍ତ୍ରୀ ବିଭିନ୍ନ ସଭାରେ କହିଥିଲେ। ବିଡ଼ିଓ ଶଶିଭୂଷଣ ମହାପାତ୍ର ସଭା ସଂଯୋଜନା କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହଯୋଗ ଏବଂ ସ୍ଥାନୀୟ ବିଧାୟକ ତଥା ଅର୍ଥମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ବ୍ଲକରେ ଅନେକ ଉନ୍ନୟନ କାର୍ଯ୍ୟ ହୋଇପାରିଛି ବୋଲି କହିଥିଲେ। ପୂର୍ତ୍ତ ବିଭାଗ ଅଧିକ୍ଷଣଯନ୍ତ୍ରୀ ଆଶିଷ କୁମାର ନାୟକ ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ, ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଉପାଧ୍ୟକ୍ଷା ଶୁଭଶ୍ରୀ ଦାସ, ଆଇଟିଆଇ ଅଧ୍ୟକ୍ଷ ଲୋକେଶ ପଟ୍ଟନାୟକ, ଶୁଳପାଣି ଶତପଥି, ସାବିତ୍ରୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼.ସୁଶାନ୍ତ କୁମାର ମଲ୍ଲିକ,ଜିଲା ପରିଷଦ ସଭ୍ୟା ଶୈଳବାଳା ବିଷୋୟୀ, ଭାଗ୍ୟଲତା ସେଠୀ, ସିଡ଼ିପିଓ ବିଷ୍ଣୁପ୍ରିୟା ସେଠୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସହକାରୀ ନିର୍ବାହୀଯନ୍ତ୍ରୀ ଶ୍ୟାମଘନ ପ୍ରଧାନ,ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରଧାନ,ଏମ୍ପି ପ୍ରତିନିଧି ଦିବାକର ନାୟକ, ପଞ୍ଚାନନ ପାଳ ପ୍ରମୁଖ ଉପସ୍ଥିତ ଥିଲେ ।

## ସମବାୟ ସପ୍ତାହ ପାଳିତ

ଆସିକା,୧୫।୧୧(ସୁରେନ୍ଦ୍ର ନାଥ ସାହୁ)

ଆସିକାର ବିଭିନ୍ନ ସମବାୟ ଅନୁଷ୍ଠାନରେ ମଙ୍ଗଳବାର ୭୦ତମ ଅଖିଳ ଭାରତ ସମବାୟ ସପ୍ତାହ ପାଳନ କରାଯାଇଥିଲା । ଏହି ଅବସରରେ ପତାକା ଉତ୍ତୋଳନ ଓ ସମବାୟ ସପ୍ତାହ ଉପଲକ୍ଷେ ରାଜ୍ୟ ମୁଖ୍ୟମନ୍ତ୍ରୀ, ସମବାୟ ବିଭାଗ ମନ୍ତ୍ରୀ, ସମବାୟ ବିଭାଗ ସଚିବ ପ୍ରମୁଖଙ୍କ ବାର୍ତ୍ତା ପଠନ କରାଯିବା ସହ ସମବାୟ ଆନ୍ଦୋଳନର ମୂଳ ଲକ୍ଷ୍ୟକୁ ସାକାର କରିବା ନିମନ୍ତେ ସମସ୍ତେ ସଂକଳ୍ପବଦ୍ଧ ହେବା ଲାଗି ଆହ୍ୱାନ କରାଯାଇଥିଲା । ଆସିକା ସମବାୟ ଚିନିଶିଳ୍ପରେ ସଭାପତି ରବିନ୍ଦ୍ର ପଣ୍ଡା ପତାକା ଉତ୍ତୋଳନ କରିଥିଲେ । ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଗାୟତ୍ରୀଦତ୍ତ ନାୟକ, ସମ୍ପାଦକ ଚନ୍ଦ୍ରଶେଖ ରେଡିଙ୍କ ସମେତ ଚିନିଶିଳ୍ପ କର୍ମଚାରୀ ସାମିଲ ଥିଲେ । ସେହିଭଳି ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କରେ ସଭାପତି ମଙ୍ଗୁଳିଧର ସାହୁ ପତାକା ଉତ୍ତୋଳନ କରିଥିଲା ବେଳେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ନାରାୟଣ ମାଧେଇଙ୍କ ସମେତ ପରିଚାଳନା ପରିଷଦର ସଦସ୍ୟମାନେ ଉପସ୍ଥିତ ଥିଲେ ।

# ବିଡିଓଙ୍କ ମରୁଡ଼ି ଅଞ୍ଚଳ ପରିଦର୍ଶନ

ଧରାକୋଟ,୧୫।୧୧(ବିଷ୍ଣୁ କେଶରୀ ଆଚାର୍ଯ୍ୟ):



ବିଡିଓ ଓ ଅନ୍ୟମାନେ କ୍ଷତିଗ୍ରସ୍ତ ଜମି ବୁଲି ଦେଖୁଛନ୍ତି।

ଧରାକୋଟ ବ୍ଲକ ଅଞ୍ଚଳରେ ନିଅଣ୍ଟିଆ ବର୍ଷା ଯୋଗୁ ମରୁଡି ପରିସ୍ଥିତି ଦେଖାଦେଇଛି। ଗାଁ ଗାଁ ଲୋକେ ଅଭିଯୋଗ କରିବା ପରେ ବିଡିଓ ଡେନିସ ବେହେରା, ସହକାରୀ ଯନ୍ତ୍ରୀ ସାରଦା ପ୍ରସନ୍ନ ଜେନା, ଉଠା ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ପଣ୍ଡା ବୁଧବାର ମରୁଡ଼ି ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଧାର କରଜ କରି ବିଳମ୍ବରେ ହେଲେ ମଧ୍ୟ ଚାଷୀ ନିଜର ଜମିକୁ ଉଠିଆ କରିଥିଲା। ହେଲେ ଅଭାବୀ ବର୍ଷା ଏଥିରେ ଦାଉ ଯାଜିଥିବାରୁ ଆଖି ଆଗରେ ବର୍ଷକର ଫସଲ ଯଥା ଧାନ ଚାଷ ସହ ପନିପରିବା ଚାଷ ମଧ୍ୟ ଜଳି ପୋଡ଼ି ଯାଇଛି। ବ୍ଲକର ବଳରାମପୁର, ବାହାରପୁର, ସିଙ୍ଗିପୁର, ଝାଡ଼ବନ୍ଧ, ଝରପାରୀ, ବରଡାବିଲି, ରୁଗୁମୁ, ଓଳମୱା, ଧରାକୋଟ, ଯାହାଡା ପଞ୍ଚାୟତରେ ଧାନ ଫସଲ ଜଳି ପୋଡ଼ି ନଷ୍ଟ ହେବା ସହ ଜମି ଫାଟି ଆଁ କରିଛି। ଶହ ଶହ ପୁରୁଷ ଓ ମହିଳା ଅଧିକାରୀଙ୍କ ନିକଟରେ ମରୁଡି ଦ୍ୱାରା କ୍ଷତି ହୋଇଥିବା ଫସଲ ପାଇଁ ଉପଯୁକ୍ତ କ୍ଷତିପୂରଣ ଦେବା ପାଇଁ ନିବେଦନ କରିଥିଲେ। ବିଭାଗୀୟ ସହକାରୀ ଯନ୍ତ୍ରୀ ଏହାର ଗୁରୁତ୍ୱ ଉପଲବ୍ଧ କରି ତୁରନ୍ତ ଚାଷୀମାନେ ନୂତନ ପ୍ରକଳ୍ପ ନିର୍ମାଣ ପାଇଁ ଲିଖିତ ଦରଖାସ୍ତ ଦେବାପାଇଁ କହିବା ସହ ଏହା ପରେ ଜଳସ୍ତର ପରୀକ୍ଷା ସହ ବୋର ଖୋଳିବା ପାଇଁ ପ୍ରକ୍ରିୟା ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବଳରାମପୁର ପଞ୍ଚାୟତରେ ହରଭାଙ୍ଗି କେନାଲ ଯାଇଥିବା ବେଳେ ଏହା ଚାଷୀଙ୍କ ଜମି ସ୍ତରଠାରୁ ୩୦ ଫୁଟ ତଳେ ରହିଛି । ଚାଷ ଜମି ପାଇଁ ବର୍ଷାଜଳ ହିଁ ଏକମାତ୍ର ଉପାୟ ହୋଇଥିବା ବେଳେ ପାଗ ଶୁଖିଲା ହେଲେ ଜମିର ପାଣିକୁ କେନାଲ ଟାଣି ନେଉଛି। ଏଣୁ ଅଧିକାଂଶ ସମୟରେ ମରୁଡି ପରିସ୍ଥିତି ସୃଷ୍ଟି ହେଉଛି। ଏହାର ପ୍ରତିକାର ପାଇଁ ଚାଷୀମାନେ ଦାବି କରିଥିଲେ। ବ୍ଲକର ବାହାରପୁର, ଡାକିବଜା, ଜଗନ୍ନାଥପୁର ଶାସନ, ପଦ୍ମପୁର, ସିଙ୍ଗିପୁର, ଚଞ୍ଚରାପଲି, ସରପଡ଼ା, କେନ୍ଦୁପଲି, ବେଠୁଆର, କଇଠିରା, ଝାଡବନ୍ଧ, ଝରପାରି ଭଳି ଗାଁରେ ଧାନ ଜମି ସମ୍ପୂର୍ଣ୍ଣ ଜଳିଯାଇଛି। ଚାଷୀଙ୍କୁ ବୀମା ରାଶି,କୃଷି ଋଣ ଛାଡ ଓ ମାଗଣା ବିହନ ଯୋଗାଇବାକୁ କୃଷକ ଏକତା ମଞ୍ଚ ତରଫରୁ ଦାବି କରାଯାଇଛି।

## ସଂକ୍ଷେପରେ

### ଷ୍ଟିଲସିଟି କାଳୀପୂଜା କମିଟିର ଦିବଂଗତ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି

ଯାଜପୁରରୋଡ୍,୧୫।୧୧(ପବିତ୍ର ରଞ୍ଜନ ମହାନ୍ତି)

ଷ୍ଟିଲ୍‌ସିଟି କାଳୀପୂଜା କମିଟି ନଟପଦା ପକ୍ଷରୁ କମିଟିର ଦିବଂଗତ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏନେଇ ମଙ୍ଗଳବାର ସନ୍ଧ୍ୟାରେ କମିଟି କାର୍ଯ୍ୟାଳୟରେ ଏକ ସଭା ଆୟୋଜନ କରାଯାଇଥିଲା। କମିଟି ସମ୍ପାଦକ ରାକେଶ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଦିବଂଗତ ପରିବାର ସଦସ୍ୟ ଯୋଗଦେଇ ପରଲୋକ ସଦସ୍ୟଙ୍କ ଫଟୋରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଦିବଂଗତ ସଦସ୍ୟ ଅଶୋକ ସାମନ୍ତ ସିଂହାରଙ୍କ ପରିବାର ପକ୍ଷରୁ ତାଙ୍କ ପୁଅ ସଂଗ୍ରାମ ଓ ବଡ଼ଭାଇ ଅକ୍ଷୟ, ବଳରାମ ରାଉତଙ୍କ ପରିବାର ପକ୍ଷରୁ ୨ ପୁତୁରା ଅଜିତ ଓ କାଳିଆ, ରନବୀର ସିଂଙ୍କ ପରିବାର ପକ୍ଷରୁ ସହଧର୍ମିଣୀ ବନଜା ମଞ୍ଜରି ସିଂ, ପ୍ରୟାଗ ସାମଲଙ୍କ ପକ୍ଷରୁ ତାଙ୍କ ବାପା ତଥା କମିଟି ସଭାପତି ବଚନ ସାମଲ ଉପସ୍ଥିତ ଥିଲେ। ବରିଷ୍ଠ ସଦସ୍ୟ ରତିକାନ୍ତ ବରାଳଙ୍କ ନେତୃତ୍ୱରେ ଅମରଆତ୍ମାର ସଦଗତି ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରାର୍ଥନା ସଭାରେ ଦିବଂଗତ ପରିବାରର ସଦସ୍ୟଙ୍କ ସମେତ କମିଟିର ନରେଶ କୁମାର ରାଉତ, ବିଜୟ ରାଜ, କିଷାନ ବରାଳ, ଉମାକାନ୍ତ ରାଉତ, ସଞ୍ଜୟ ବୋଇତାଇ, ପ୍ରିୟଦର୍ଶୀ ମହାରଣା, ପ୍ରକାଶ ପରିଡ଼ା, ଚିନ୍ମୟ ପୃଷ୍ଟି, ବିଷ୍ଣୁଚରଣ ସାହୁ, ନରେଶ ମସ୍କରା, ମହେଶ ମହାନ୍ତି, ଦୀପକ ସାହୁ, ମୃତ୍ୟୁଞ୍ଜୟ ଦେଓ, ପ୍ରମୋଦ ବଳ, ପୀତବାସ ବେହେରା, କିଶୋର ଶର୍ମା, ମନୋଜ ବାଗଡ଼ି ଓ ବିଶ୍ୱଜିତ ରାଉତ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ। ପରଲୋକ ସଦସ୍ୟଙ୍କ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଚଳିତ ବର୍ଷ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି।

### ଚାରାରୋପଣ, ସଚେତନତା କାର୍ଯ୍ୟକ୍ରମ

ଯାଜପୁର ଟାଉନ,୧୫।୧୧ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଦୀପାବଳି ଅବସରରେ ଯାଜପୁରର ସ୍ୱେଚ୍ଛାସେବୀ ଓ ସାଂସ୍କୃତକ ଅନୁଷ୍ଠାନ 'ପୁଣ୍ୟତ୍ୱୟା' ପକ୍ଷରୁ ପଣସା ପଞ୍ଚାୟତର ଆଙ୍କୁଲାଠାରେ ଚାରାରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଂଯୋଜକ ପ୍ରଦୀପ୍ତ ମିଶ୍ରଙ୍କ ଆହ୍ୱାନକ୍ରମେ ସମସ୍ତ ସଦସ୍ୟଙ୍କ ସହାୟତାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭାରତର ରାଜଧାନୀ ଦିଲ୍ଲୀ ସମେତ ଦେଶର ବଡ଼ବଡ଼ ସହର ଓ ଆମ ରାଜ୍ୟର ଭୁବନେଶ୍ୱର, କଟକ, ରାଉରକେଲା, କଳିଙ୍ଗନଗର, ବ୍ରହ୍ମପୁର ଓ ବାଲେଶ୍ୱର ଆଦି ସହରରେ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ଏଣୁ ଯାନବାହନର ଯାତାୟାତ କମାଇବା ସହ ସମସ୍ତେ ଚାରାରୋପଣ କରିବାକୁ ଦିନଚର୍ଯ୍ୟାର ସମ୍ପାଦକ ତପନ ମହାରଣ୍ୟ ଶର୍ମା ଯୋଗଦେଇ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ଯାଜପୁର ବିକାଶ ମଞ୍ଚର ପ୍ରତିଷ୍ଠାତା ସଦସ୍ୟ ତରୁଣ ନନ୍ଦ ଯୋଗଦେଇ ଏଭଳି ଏକ ନିଆରା କାର୍ଯ୍ୟକ୍ରମ ଯାଜପୁରର ଯେଉଁ ସ୍ଥାନରେ କରାଯିବ ସେ ନିଶ୍ଚିତଭାବେ ସହଯୋଗ କରିବେ ବୋଲି କହିବା ସହ ଅନୁଷ୍ଠାନର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ। କୃଷ୍ଣଚନ୍ଦ୍ର ନନ୍ଦ, ପରମାନନ୍ଦ ମିଶ୍ର, କେଶବ ଚନ୍ଦ୍ର ମିଶ୍ର, ସୁଦୀପ୍ତ ପଣ୍ଡା, ରବୀନ୍ଦ୍ର ପଣ୍ଡା, ବାସୁଦେବ ମିଶ୍ର, ଗୌରାଙ୍ଗ ପଣ୍ଡା, ଦେବାଶିଷ ମିଶ୍ର, ଲୟାଂଶୁ ନନ୍ଦ, ବିନୋଦ ବିହାରୀ ରାଉତ ଓ ଭାବଗ୍ରାହୀ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବ୍ୟାସନଗରରେ ଯୁବ କ୍ରୀଡ଼ାବିତ୍‌ଙ୍କୁ ଅଣଦେଖା

- ୩୮ ବର୍ଷ ଅବହେଳିତ ରାଜୀବ ଗାନ୍ଧୀ ଷ୍ଟାଡିୟମ
- ପ୍ରତିବାଦର ପ୍ରତିକାର ନୈରାଶ୍ୟଜନକ
- ନିର୍ମାଣ ସରିଥିଲେ ବି ହସ୍ତାନ୍ତର ହେଉନି ଇନ୍‌ଡୋର ଷ୍ଟାଡିୟମ



ନବ ନିର୍ମିତ ଇନ୍‌ଡୋର ଷ୍ଟାଡିୟମ୍ ବନ୍ଦ ପଡ଼ିଛି।



ଅବହେଳିତ ରାଜୀବ ଗାନ୍ଧୀ ଷ୍ଟାଡିୟମ୍।

ଯାଜପୁର,୧୫।୧୧(ହର୍ଷବର୍ଦ୍ଧନ ବେହେରା) :

କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ପୌରପରିଷଦ ଗଠନ ହେବାର ଇତିମଧ୍ୟରେ ୨୯ ବର୍ଷ ଅତିକ୍ରାନ୍ତ ହୋଇ ସାରିଛି । ନିକଟରେ ଏକାଧିକ ଶିଳ୍ପ ଓ ଖଣି ପ୍ରତିଷ୍ଠାନ ଯୋଗୁ ସହରର ଜନସଂଖ୍ୟା ବଢ଼ି ଚାଲିଛି। ଅଥଚ ଏହି ସହରର ଯୁବଗୋଷ୍ଠୀଙ୍କ ଖେଳକୁଦ ପାଇଁ ଥିବା ଏକମାତ୍ର ଷ୍ଟାଡିୟମର ବିକାଶ ଯେପରି ହେବା କଥା ତାହା ଏ ପର୍ଯ୍ୟନ୍ତ ହୋଇ ପାରିନାହିଁ । ଏହାସହ ସହରର ରାସ୍ତାଘାଟ, ଡ୍ରେନେଜ, ଫ୍ଲାଏ ଓଭରବ୍ରିଜ, ଗଳିପୋଲ, ଡାକ୍ତରଖାନା, ଉପଖଣ୍ଡ ମାନ୍ୟତା ଇତ୍ୟାଦି ଦାବିଗୁଡ଼ିକୁ ଅଣଦେଖା କରାଯାଉଛି। ଏପରି କି ପ୍ରାୟ ୧ ବର୍ଷ ହେବ ଷ୍ଟାଡିୟମ ଭିତରେ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ଶେଷ ହୋଇଛି । ହେଲେ ବିଭିନ୍ନ ଆଳ ଦେଖାଇ ଉଦଘାଟନ କରାଯାଉନାହିଁ। ଏବେ ସେହି ଷ୍ଟାଡିୟମ ଫାଟକରେ ତାଲା ଝୁଲୁଛି। ଏହାବାଦ୍ ଷ୍ଟାଡିୟମ ଏକପ୍ରକାର ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ଯୁବ କ୍ରୀଡାବିତଙ୍କୁ ଅଣଦେଖାରୁ ବିଚ୍ୟୁତ ହୋଇ ଏହି ଷ୍ଟାଡିୟମର ବିକାଶ ପାଇଁ ବନ୍ଦେ ବ୍ୟାସନଗର ଅନୁଷ୍ଠାନ ପକ୍ଷରୁ ୨୧ ଦିନ ହେବ ଅନଶନ ଚାଲିଛି । ହେଲେ ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ନୀରବ ରହିବା ଘଟଣା ସହରବାସୀଙ୍କୁ ବ୍ୟଥିତ କରିଛି ।

ଯାଜପୁର ରୋଡ ଏନ୍‌ଏସିକୁ ତା୧୯।୫।୧୯୯୪ରିଖରେ ବ୍ୟାସନଗର ପୌରପରିଷଦ ଭାବେ ସ୍ୱୀକୃତି ମିଳିଥିଲା । ୨୦୦୮ରୁ ଏହା ୨୬ଟି ୱାର୍ଡରେ ପରିଣତ ହୋଇଛି। ୩୮ ବର୍ଷ ତଳେ ଏଠାରେ ରାଜୀବ ଗାନ୍ଧୀ ନାମରେ ଏକ ଷ୍ଟାଡିୟମ ନିର୍ମାଣ କରାଯାଇଥିଲା । ରାଜ୍ୟର ବିଭିନ୍ନ ଜିଲାରେ କ୍ରୀଡ଼ାର ବିକାଶ ପାଇଁ ଗ୍ରାମାଞ୍ଚଳଠାରୁ ସହର ପର୍ଯ୍ୟନ୍ତ ବିପୁଳ କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ଏହି ଷ୍ଟାଡିୟମ ପ୍ରତି ପ୍ରଶାସନିକ ବୈମାତୃକ ମନୋଭାବ ପୋଷଣ କରୁଛନ୍ତି। ଏହାର ପ୍ରତିବାଦରେ ଗତ ୨୪ ତାରିଖରୁ ଜାତୀୟ କ୍ରୀଡ଼ାବିତ ବଜ୍ରବାହୁ ସୀମାନ୍ତ କେଶରୀ ସାମଲଙ୍କ ନେତୃତ୍ୱରେ ପ୍ରତୀକ ଅନଶନ ଏବଂ ଶୋଭାଯାତ୍ରା ଆରମ୍ଭ ହୋଇଛି। ଏହି ଅନଶନକୁ ସହରର ବିଭିନ୍ନ ସଙ୍ଗଠନ, କ୍ରୀଡ଼ାବିତ, ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀ ସମର୍ଥନ ଜଣାଇ ସାମିଲ ହୋଇଛନ୍ତି । ଦୀର୍ଘ ୨୧ ଦିନରେ ଅନଶନ ଓ ଗଣଧାରଣା ପହଞ୍ଚିଥିବା ବେଳେ ଏହି ଦାବି ପ୍ରତି ଜିଲା ପ୍ରଶାସନ ଓ ଜନପ୍ରତିନିଧି ଦୃଷ୍ଟି ନ ଦେବା ଏବଂ ସମାଧାନ ଦିଗରେ କୌଣସି ପଦକ୍ଷେପ କିମ୍ବା ଆଲୋଚନା କରାଯାଇନାହିଁ । ଏହାକୁ ନେଇ ସମଗ୍ର ସହରରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ୱାସ୍ଥ୍ୟସେବା ପାଇଁ ବେସରକାରୀ ଭାବେ ଦେଢ ଲକ୍ଷ ଲୋକଙ୍କ ପାଇଁ ମାତ୍ର ଏକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି। ସେଠାରେ ଆବଶ୍ୟକ ଡାକ୍ତର ଓ ଯନ୍ତ୍ରପାତି ବି ନାହିଁ। ଜଙ୍ଗଲ କିସମ ଜମି ନାମରେ ବ୍ୟାସନଗରର ହଜାର ହଜାର ଲୋକ ଆତଙ୍କିତ ଅବସ୍ଥାରେ ଅଛନ୍ତି । ସେମାନଙ୍କୁ ପ୍ରଶାସନ ନ୍ୟାୟ ଦେଇ ପାରୁନାହିଁ । ଭୂମିହୀନଙ୍କୁ ସରକାରୀ ଜମି ପଟ୍ଟା ମିଳିବା ସ୍ୱପ୍ନ ହୋଇଛି ।

ଏହି କ୍ରମରେ ବରିଷ୍ଠ ଓକିଲ ଚନ୍ଦ୍ରଶେଖର ପଣ୍ଡା କୁହନ୍ତି, ବ୍ୟାସନଗରବାସୀଙ୍କ ପ୍ରତି ଚରମ ଅବହେଳା କରାଯାଉଛି। ସହରବାସୀ ବିଭିନ୍ନ ସମୟରେ ଆନ୍ଦୋଳନ ଓ ଆମରଣ ଅନଶନ କଲେ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ସାମାନ୍ୟତମ ଦୟା ନାହିଁ। କେବଳ ଷ୍ଟାଡିୟମ ନୁହେଁ ରେଳ ଓଭରବ୍ରିଜ, ଗଳି ପୋଲ, ସବ୍‌ଡ଼ିଭିଜନ, ଡାକ୍ତରଖାନା ଓ ରାସ୍ତା ଘାଟରେ ଆମେ ଅବହେଳିତ। ତେଣୁ ସ୍ୱତନ୍ତ୍ର କଳିଙ୍ଗନଗର ଜିଲା ଗଠନ ଦାବି ଏକମାତ୍ର ଉପାୟ ହେବ। ତେଣୁ ସମସ୍ତଙ୍କୁ ସାଙ୍ଗରେ ନେଇ ବ୍ୟାସନଗରବାସୀ ବଡ଼ଧରଣର ଆନ୍ଦୋଳନ କରିବାକୁ ସେ ଆହ୍ୱାନ କରିଛନ୍ତି। ପୁରାତନ କ୍ରୀଡ଼ାବିତ୍ ସମ୍ବିତ ମହାନ୍ତି କୁହନ୍ତି, ଏହି ଷ୍ଟାଡିୟମରେ ବିଭିନ୍ନ କ୍ରୀଡ଼ାର ଆୟୋଜନ ହୋଇଥାଏ। ଏହି ପଡ଼ିଆରୁ ଦୃତି ଚାନ୍ଦ, ବାପି ହାଁସଦା ଭଳି ଅନେକ କ୍ରୀଡାବିତ୍ ବାହାରିଛନ୍ତି। କିନ୍ତୁ ଦିନକୁ ଦିନ ଏହି ଷ୍ଟାଡିୟମର ଅବସ୍ଥା ଖରାପ ହେବାକୁ ବସିଛି। ତେଣୁ ଏହାର ବିକାଶ ପାଇଁ ଜିଲାପାଳ, ସ୍ଥାନୀୟ ବିଧାୟକ, କ୍ରୀଡା ସଚିବ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି। କିନ୍ତୁ ଏହି ଷ୍ଟାଡିୟମର ଭିତ୍ତିଭୂମିର ବିକାଶ ହୋଇ ପାରୁନାହିଁ। ଏଠାରେ ବିଭିନ୍ନ ଖେଳ ହେବା ଏବେ ଅସମ୍ଭବ ହୋଇ ପଡିଛି। ଡ୍ରେନ ପାଣି ଭିତରକୁ ପଶୁଛି। ଏଠାରେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ହୋଇଥିଲେ ବି ତାକୁ ହସ୍ତାନ୍ତର କରାଯାଇନାହିଁ। ତେଣୁ ଯୁବଗୋଷ୍ଠୀଙ୍କ ଖେଳର ବିକାଶ ପାଇଁ ସମସ୍ତେ ଆଗଭର ହେବା ଉଚିତ ବୋଲି ସେ କହିଛନ୍ତି।

### ବଡି ବିଲଡିଙ୍ଗ୍ ଚାମ୍ପିୟନଶିପ୍‌ରେ ଅମିତଙ୍କୁ ବ୍ରୋଞ୍ଜ

ପ୍ରୀତିପୁର,୧୫।୧୧(ସୁଶାନ୍ତ ବେହୁରିଆ):

ଦକ୍ଷିଣ କୋରିଆର ୱାନଜୋ ସହରରେ ଅନୁଷ୍ଠିତ ୧୪ତମ ବିଶ୍ୱ ବଡି ବିଲଡିଙ୍ଗ୍ ଓ ଶାରୀରିକ କ୍ରୀଡ଼ା ଚାମ୍ପିୟାନଶିପ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଭାରତ ପାଇଁ ବ୍ରୋଞ୍ଜ ପଦକ ଜିତିଛନ୍ତି ବଡିବିଲଡର ଅମିତ ଭୂୟାଁ। ୬ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ ପଦକ ହାସଲ ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ମାଂସଡା ପଞ୍ଚାୟତର ଅଲାରପୁର ଗ୍ରାମରେ ତାଙ୍କ ଘର। ଏହା ପୂର୍ବରୁ ସେ ନେପାଳର କାଠମାଣ୍ଡୁଠାରେ ଅନୁଷ୍ଠିତ ପଞ୍ଚାବନ ତମ ଏସୀୟ ବଡି ବିଲଡର ଚମ୍ପିୟାନଶିପ୍ ପ୍ରତିଯୋଗିତାରେ ଭାଗନେଇ ସ୍ୱର୍ଣ୍ଣ ପଦକ ହାସଲ କରି ଦେଶର ଗୌରବ ବୃଦ୍ଧି କରିଥିଲେ।




## କାଳୀପୂଜା ଶାନ୍ତି କମିଟି କାର୍ଯ୍ୟାଳୟ ଉଦ୍‌ଘାଟିତ



କାଳୀପୂଜା ଶାନ୍ତି କମିଟି କାର୍ଯ୍ୟାଳୟକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

ଯାଜପୁର ରୋଡ୍,୧୫।୧୧ (ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗର ସହରର କାଳୀପୂଜା ଶାନ୍ତି କମିଟି କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଯୋଗଦେଇ ସ୍ଥାନୀୟ ଗୋପବନ୍ଧୁ ଛକରେ ଏହି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଛନ୍ତି। ଯାଜପୁର ରୋଡ୍ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ଶାନ୍ତି କମିଟି ଆବାହକ ବିଦ୍ୟାଧର ମହାନ୍ତି, ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ, ଉପାଧ୍ୟକ୍ଷ ସୁବାସ ବଳ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ର, ବିବେକାନନ୍ଦ ମହାନ୍ତି, ଖବରଦାତା ଚିନ୍ତାମଣି ପାଢ଼ୀ ଏବଂ ଉଦୟନାଥ ଖଣ୍ଡାଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶାନ୍ତି କମିଟିର ପୁନର୍ଗଠନ କରାଯାଇଥିଲା। କମିଟିରେ ମେଳଣ କମିଟି ସଭାପତି ପ୍ରମୋଦ କୁମାର ରାଉତ, ସମ୍ପାଦକ ଶିଶିର ରାଉତ, ଚୋରଦା କାଳୀପୂଜା କମିଟିର ହରିହର ସାମଲ, ଆର୍ଯ୍ୟନ କ୍ଲବର ହେମନ୍ତ କୁମାର ମହାନ୍ତି, ବ୍ୟାଙ୍କ୍ ଷ୍ଟ୍ରିଟର ଅସିତାନନ୍ଦ ବିଶ୍ୱାଳ, ରାଧାନାଥ ମାର୍ଗର ପ୍ରଲୁବ୍ଧ ଜେନା, ଷ୍ଟେଶନ ବଜାରର ହୃଷୀକେଶ ସାହୁ, ନ୍ୟୁ ମାର୍କେଟର ଦିନେଶ କୁମାର ସାହୁ, ରେଳବାଇର ଭରତ କିସ୍କୁ, କୋପଣ୍ଡର ଅଯୋଧ୍ୟା ଜେନା, କନ୍ହେଇପୁରର ରବୀନ୍ଦ୍ର କୁମାର ସିଂ, ଧବଳଗିରି-୧ର ମହେନ୍ଦ୍ର ପ୍ରତାପ ସିଂ, ଧବଳଗିରି-୨ର ଅଶୋକ କୁମାର ଦାସ, ଷ୍ଟିଲ ସିଟିର କିଶୋର କୁମାର ଶର୍ମା, ଗୋପବନ୍ଧୁନଗରର ଦେବେନ୍ଦ୍ର ପାଣିଗ୍ରାହୀ, ଦଳାର ମନୋଜ ପରିଡ଼ା, ନହକାର ରବୀନ୍ଦ୍ର ନାୟକ, ଚାନ୍ଦମାର ପ୍ରଶାନ୍ତ ମଲ୍ଲିକ, କଂଗ୍ରେସରୁ ଦିଲୀପ କୁମାର ମଲ୍ଲିକ, ବିଜେଡିରୁ ମହେଶ ଧଳ ଓ ଭାଜପାରୁ ଅଚ୍ୟୁତାନନ୍ଦ ଦାଶ ପ୍ରମୁଖ ସାମିଲ ହୋଇଛନ୍ତି। ପ୍ରତ୍ୟେକ ସନ୍ଧ୍ୟାରେ ଏହି ସଦସ୍ୟମାନେ ପ୍ରଶାସନିକ ଅଧିକାରୀଙ୍କ ସହିତ ଗୋପବନ୍ଧୁ ଛକ କାର୍ଯ୍ୟାଳୟରେ ଏକତ୍ରିତ ହେବେ। ପରେ ବିଭିନ୍ନ ପୂଜା ମଣ୍ଡପ ବୁଲି ଶାନ୍ତି ବାର୍ତ୍ତା ଦେବେ ବୋଲି କମିଟି ପକ୍ଷରୁ କୁହାଯାଇଛି।

### ପାଗଳା ଷଣ୍ଢ ଆକ୍ରମଣରେ ୩ ଆହତ

ଯାଜପୁର ସଦର,୧୫।୧୧(ସମର ବିଜୟ ଶରଣ):

ଯାଜପୁର ବ୍ଲକ ଅନ୍ତର୍ଗତ ବରୁଆଁ ଅଞ୍ଚଳରେ ଏକ ପାଗଳ ଷଣ୍ଢ ଆକ୍ରମଣରେ ୩ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। କିଛି ଦିନ ପୂର୍ବେ ଉକ୍ତ ଷଣ୍ଢକୁ ଏକ ପାଗଳା କୁକୁର କାମୁଡ଼ିଥିଲା। ମାତ୍ର ଷଣ୍ଢର ଚିକିତ୍ସା ଅଭାବରୁ ସେ ପାଗଳ ହୋଇ ଯାହାକୁ ଦେଖୁଛି ତାକୁ ଆକ୍ରମଣ କରୁଛି। ଫଳରେ ଷଣ୍ଢ ଭୟରେ ରାସ୍ତା, ଘାଟବଜାର ଜନ ଶୂନ୍ୟ ହୋଇପଡୁଛି। ଷଣ୍ଢକୁ କାବୁ କରିବା ପାଇଁ ଅଗ୍ନିଶମ ବିଭାଗ, ବନ ବିଭାଗ ଓ ସ୍ଥାନୀୟ ପ୍ରଶାସନକୁ ଜଣାଇଲେ ମଧ୍ୟ କେହି କର୍ଣ୍ଣପାତ କରି ନ ଥିଲେ। ଶେଷରେ କେତେଜଣ ସାହସୀ ଯୁବକ ଫାସ ମାଧ୍ୟମରେ ଷଣ୍ଢକୁ କାବୁ କରିଥିବା ଜଣାପଡ଼ିଛି।

### ନାରାୟଣ ଶୋଭନୀୟ ଶିକ୍ଷାଶ୍ରମରେ ଶିଶୁ ଦିବସ

ଜେନାପୁର,୧୫।୧୧(ଅଶୋକ ଦାସ):

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତର ନାରାୟଣ ଶୋଭନୀୟ ଶିକ୍ଷାଶ୍ରମରେ ଶିଶୁଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ବିଷ୍ଣୁଚରଣ ଓଝା ଓ ସମ୍ମାନିତ ଅତିଥି ଭାବେ ପ୍ରମୋଦ କୁମାର ମଲ୍ଲିକ ଯୋଗଦେଇ ଏହି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଭବିଷ୍ୟତରେ ଶୋଭନୀୟ ଆନ୍ଦୋଳନରେ ଭାଗନେଇ ଦେଶର ଗୌରବ ମଣ୍ଡିତ କରିବେ ବୋଲି କହିଥିଲେ। ସଭାରେ ପ୍ରଧାନଶିକ୍ଷୟିତ୍ରୀ ସୁଧାଂଶୁବାଳା ଶତପଥୀ, ସଂପାଦକ ବିଷ୍ଣୁଚରଣ ଶତପଥୀଙ୍କ ସମେତ ସମସ୍ତ ଗୁରୁମାଗୁରୁଜୀ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

### ଆଇନ ସଚେତନତା ଶିବିର

ଚଣ୍ଡିଖୋଲ,୧୫।୧୧(ପ୍ରଦୀପ୍ତ କୁମାର ପୃଷ୍ଟି):

ଶିଶୁ ଦିବସ ଅବସରରେ ମଙ୍ଗଳବାର ଚଣ୍ଡିଖୋଲ କୋର୍ଟ ତାଲୁକ ଆଇନ ସେବା କେନ୍ଦ୍ର ପକ୍ଷରୁ ଚଣ୍ଡିଖୋଲସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଆଇନ ସାକ୍ଷରତା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲୁକ କେନ୍ଦ୍ରର ଅଧ୍ୟକ୍ଷ ତଥା ସବ୍ ଜଜ ସୌଭାଗ୍ୟ ରଞ୍ଜନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜେଏମ୍‌ଏଫ୍‌ସି ପରବିନ ମଣ୍ଡଳ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁଙ୍କ ଜୀବନାଦର୍ଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥିସହ ଶିଶୁମାନଙ୍କ ଶିକ୍ଷା, ଯତ୍ନ, ସୁରକ୍ଷା ସହିତ ଆଇନ ସମ୍ପର୍କରେ ସଚେତନତା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏଥିରେ ବାର୍ ଆସୋସିଏଶନ ସଭାନେତ୍ରୀ ରେଣୁବାଳା ମହାନ୍ତି, ପୂର୍ବତନ ସଭାପତି ଦେବରାଜ ବେହେରା, କିଶୋର କୁମାର ନାୟକ, ମାନସୀ ରଥ ଓ ରୋଜାଲିନ ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ଚନ୍ଦନ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

### ବ୍ୟାସନଗର କଲେଜରେ ନୂତନ ଅଧ୍ୟକ୍ଷ

ଯାଜପୁରରୋଡ୍,୧୫।୧୧(ପବିତ୍ର ରଞ୍ଜନ ମହାନ୍ତି):



ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷ ଭାବେ ଦିଲୀପ କୁମାର ମହାନ୍ତି ଯୋଗଦାନ କରିଛନ୍ତି। ଏନେଇ ଉଚ୍ଚ ଶିକ୍ଷା ବିଭାଗ ସ୍ୱତନ୍ତ୍ର ସଚିବ ପ୍ରମୋଦ କୁମାର ମିଶ୍ର ୧୩ ତାରିଖରେ ଚିଠି ମାଧ୍ୟମରେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କୁ ଜଣାଇଛନ୍ତି। ଚିଠିରେ ଉକ୍ତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପକ ମହାନ୍ତିଙ୍କୁ ନୂତନ ଅଧ୍ୟକ୍ଷ ତଥା ସମ୍ପାଦକ ଭାବେ ନିଯୁକ୍ତିକୁ ଅନୁମୋଦନ କରାଯାଇଥିବା ସେ ଦର୍ଶାଇଛନ୍ତି। ଏହାପରେ ଦୀର୍ଘଦିନ ଧରି ମହାବିଦ୍ୟାଳୟରେ ଲାଗିରହିଥିବା ଅବ୍ୟବସ୍ଥା ଦୂର ହେବା ସହିତ ଏକ ଶୈକ୍ଷିକ ବାତାବରଣ ସୃଷ୍ଟି ହେବା ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଶା ସଂଚାର ହୋଇଛି।

### ମିଶନ ଶକ୍ତି ମହିଳାଙ୍କ ଜଳଖିଆ ଦୋକାନ

**ସୁଲଭ ମୂଲ୍ୟରେ ମିଳୁଛି ମନପସନ୍ଦର ଖାଦ୍ୟ**

ବ୍ରହ୍ମବରଦା,୧୫।୧୧(ଯଯାତି କେଶରୀ ବେହେରା):

ମିଶନ ଶକ୍ତିର ମହିଳାମାନେ ବିଭିନ୍ନ ବ୍ୟବସାୟ କରି ନିଜ ପରିବାରର ଆର୍ଥିକ ବିକାଶ ଦିଗରେ ସହାୟକ ହେଉଛନ୍ତି। ଏହିକ୍ରମରେ ଯାଜପୁର ଜିଲା ରସୁଲପୁର ବ୍ଲକ୍ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତରେ ମିଶନ ଶକ୍ତିର ମହିଳାମାନେ ଏକ ପଞ୍ଚାୟତସ୍ତରୀୟ ଜଳଖିଆ ଦୋକନ ଖୋଲିଛନ୍ତି। ଅଞ୍ଚଳରେ ବହୁତ କମ ଦିନର ସମସ୍ତଙ୍କ ବେଶ ଆଦର ହୋଇପାରିଛି ଏହି ଜଳଖିଆ ଦୋକନ। ସୁଲଭ ମୂଲ୍ୟରେ ଏଠାରେ କାକରା, ଚକୁଳି, ଘୁଗୁନି, ଇଡିଲି, ଦହିବରା, ଆଳୁଦମ, ବିରିବରା ଏବଂ ରସୋଗଲା ଆଦି ଯୋଗାଇ ଦିଆଯାଉଛି। ବ୍ରହ୍ମବରଦା ପଞ୍ଚାୟତର ତାରିଣୀ ଛକଠାରୁ କିଛି ଦୂରରେ ଏହି ଜଳଖିଆ ଦୋକାନ ଖୋଲାଯାଇଛି। ଏହାକୁ ମିଶନ ଶକ୍ତି ସଂଘର ସମ୍ପାଦିକା ରେଣୁକା ଗିରି, ସଭାନେତ୍ରୀ ପୁଷ୍ପଲତା ଦାସ, କୋଷାଧ୍ୟକ୍ଷ ଇଦନ ବିବି, ଅହଲ୍ୟା ମଣ୍ଡଳ, ସନ୍ଧ୍ୟାରାଣୀ ଦାସ, ବିଜୟଲକ୍ଷ୍ମୀ ଗିରି, କମଳା ବେହେରା, ତରୁଲତା ମଣ୍ଡଳ, ପ୍ରମିଳା ବେହେରା, ମାଳତି ଓଝା, ସଂଯୁକ୍ତା ଦାସ, ରହିମା ବିବି ଏବଂ ସଙ୍ଘର ଅନ୍ୟ ସଦସ୍ୟାମାନେ ଚଳାଉଛନ୍ତି।




ମହିଳାମାନେ ଜଳଖିଆ ବିକ୍ରି କରୁଛନ୍ତି।

## ଧର୍ମଶାଳା ମହାବିଦ୍ୟାଳୟ ଲାବ୍ ଗୃହ ଉଦ୍‌ଘାଟିତ

ଧର୍ମଶାଳା,୧୫।୧୧(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ମହାବିଦ୍ୟାଳୟର ନୂତନ ଲାବ ଗୃହ ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଲାବ୍ ଗୃହକୁ ଉଦ୍‌ଘାଟନ କରିଛନ୍ତି। ୭୦ ଲକ୍ଷ ଟଙ୍କାରେ ଏହା ନିର୍ମାଣ କରାଯାଇଛି। ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଉକ୍ତ ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଧାୟକ କହିଥିଲେ, ଧର୍ମଶାଳା ମହାବିଦ୍ୟାଳୟ ୫-ଟିରେ ଅନ୍ତର୍ଭୁକ୍ତ ହୋଇଛି। ଏହାର ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ ଭିକେ ପାଣ୍ଡିଆନଙ୍କ ଉଦ୍ୟମ ପ୍ରଶଂସନୀୟ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ତପନ କୁମାର ମିଶ୍ର, ପରିଚାଳନା କମିଟି ସଭାପତି ଡ. ପ୍ରିୟନାଥ ମହାପାତ୍ର ଓ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ମହାବିଦ୍ୟାଳୟ ଲ୍ୟାବ୍ ଗୃହକୁ ବିଧାୟକ ଉଦ୍‌ଘାଟନ କରୁଛନ୍ତି।

## ବଢୁଛି ଚୋରାମଦ କାରବାର

**ପୋଲିସ ଓ ଅବକାରୀ ବିଭାଗ ଦୃଷ୍ଟିଦେବାକୁ ଦାବି**

ଯାଜପୁର ସଦର,୧୫।୧୧(ସମର ବିଜୟ ଶରଣ)

ଯାଜପୁର ସଦର ଥାନା ଅଞ୍ଚଳରେ ଚୋରା ମଦ କାରବାର ବଢ଼ିବାରେ ଲାଗିଛି। ଥାନା ଅଧୀନ ବରୁଆଁ ଛକ ନିକଟରେ ୩ ମଦ ଦୋକାନ ରହିଛି। ସେଥିମଧ୍ୟରୁ ଗୋଟିଏ ଠିପି ବନ୍ଦ, ଗୋଟିଏ ବାର୍ ଓ ଅନ୍ୟଟି ଦେଶୀ ମଦ ବିକ୍ରୟ କେନ୍ଦ୍ର। ଠିପି ବନ୍ଦ ଦୋକାନ ନାମକୁ ମାତ୍ର ହୋଇଥିବାବେଳେ ପ୍ରତ୍ୟେକ ସନ୍ଧ୍ୟାରେ ସେଠାରେ ହାଟଭଳି ଜନ ସମାଗମ ହେଉଛି। ମଦ ଦୋକାନ ନିକଟରେ ଚାଖଣା ଦୋକାନ ଖୋଲିଥିବାରୁ ମଦ୍ୟପଙ୍କ ପାଦୁର୍ଭାବ ବଢ଼ିଚାଲିଛି। ବରୁଆଁ-ବ୍ରହ୍ମବରଦା ମୁଖ୍ୟ ରାସ୍ତା ଉପରେ ଲୋକେ ଗାଡ଼ି ରଖି ମଦ ଦୋକାନକୁ ଯାଉଥିବାରୁ ରାସ୍ତା ଜାମ୍ ସହିତ ଦୈନିକ ଛୋଟ ମୋଟ ଦୁର୍ଘଟଣା ଘଟୁଥିବା ଦେଖାଯାଉଛି। ଏହି ରାସ୍ତା ଦେଇ ଛାତ୍ରୀଛାତ୍ର ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଯିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ବରୁଆଁ ଛକ ନିକଟରେ ଥିବା ବାରରେ ମଦ ପିଇ କେତେଜଣ ରାସ୍ତା କଡ଼ରେ ପଡୁଥିବାର ଦେଖାଯାଉଛି ଏବଂ ତାଙ୍କ ଉପରେ ଗାଡ଼ି ଚଢ଼ିଯିବା ସମ୍ଭାବନା ରହୁଛି। ଏହା ଏକ ନିତି ଦିନିଆ ଘଟଣା ହୋଇଯାଇଛି।

ଏହାବ୍ୟତୀତ ବରୁଆଁ ଛକ ନିକଟବର୍ତ୍ତୀ ବରମୁଣ୍ଡା ଛକ, ରାଜଘାଟ୍, କଚେରି ଗାଁ, ମାଧପୁର, କଳସପୁର, ଭୁବନପୁର, ସାମଦାସପୁର, କୁଝାଲା ଛକ, ତାରିଣୀ ଛକ, ତୋଫି ଛକ, ରେକାବି ବଜାର ଆଦି ଛକ ଓ ଗ୍ରାମରେ ବେଧଡ଼କ ଚୋରା ମଦ କାରବାର ଚାଲିଛି। ଦୀର୍ଘଦିନରୁ ଏହି ଚୋରା ମଦ କାରବାର ଚାଲିଥିଲେ ମଧ୍ୟ ଯାଜପୁର ସଦର ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଲୋକ ଦେଖାଣିଆ ଚଢ଼ାଉ କରାଯାଉଛି। ଫଳରେ ପୋଲିସ ଓ ଅବକାରୀ ବିଭାଗ ପହଞ୍ଚିବା ପୂର୍ବରୁ ଚୋରା ମଦ ବେପାରୀ ଫେରାର ହୋଇଯାଉଛନ୍ତି। ଚୋରା ମଦ ବେପାରୀଙ୍କ ବିରୋଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଦିନକୁଦିନ ସେମାନେ ନିଜ ବ୍ୟବସାୟ ବଢ଼ାଇ ଚାଲିଛନ୍ତି। ଗାଁରେ ବିନା ବାଧାରେ ମଦ ବିକ୍ରି ହେଉଥିବାରୁ ଛୋଟଛୋଟ ପିଲାଙ୍କ ଉପରେ ଏହାର କୁପ୍ରଭାବ ପଡୁଛି। କେତେକ ପରିବାରଙ୍କ ମଧ୍ୟରେ ମଦ ପାଇଁ ବିଶୃଙ୍ଖଳା ସୃଷ୍ଟି ହେଉଛି। ହୋଟେଲ, ପାନ ଦୋକାନ, ଜଳଖିଆ ଦୋକାନ ଆଦିରେ ସହଜରେ ଚୋରା ମଦ ମିଳିଯାଉଥିବାରୁ ମଦ୍ୟପାନ କରି ଅସାମାଜିକ ବ୍ୟକ୍ତିମାନେ ବିଭିନ୍ନ ସ୍ଥାନରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଫଳରେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ତେଣୁ ସଦର ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଏ ଦିଗରେ ଦୃଷ୍ଟିଦେଇ ଚୋରାମଦ କାରବାର ରୋକିବାକୁ ଦାବି ହୋଇଛି। ଏହା ନ ହେଲେ ଆଗାମୀ ଦିନରେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ୨୪ ଘଣ୍ଟିଆ ୟୁପିଏଚ୍‌ସି ପାଇଁ ୧୮ରେ ଆନ୍ଦୋଳନ

କେନ୍ଦ୍ରାପଡ଼ା, ୧୫।୧୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହରର ମଧ୍ୟରେ ଥିବା ଅର୍ବାନ ପିଏଚସିରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ପାଇଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗତ ଅଗଷ୍ଟ ୨୧ରେ ନିର୍ଦ୍ଦେଶନାମା ବାହାରି ଥିଲା । ତେବେ ଏହା ଅଦ୍ୟାବଧି କାର୍ଯ୍ୟକାରୀ ହେଉ ନ ଥିବା ଦର୍ଶାଇ ନଗର କଂଗ୍ରେସ ପକ୍ଷରୁ ଆସନ୍ତା ୧୮ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଇ ଓ ଆନ୍ଦୋଳନ ହେବ ବୋଲି ଏକ ସ୍ମାରକପତ୍ର ଉପଜିଲାପାଳ ରବିନ୍ଦ୍ର କୁମାର ପ୍ରଧାନଙ୍କୁ ଗୁରୁବାର ପ୍ରଦାନ କରାଯାଇଛି। ଏସମ୍ପର୍କରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ଗଣେଶ୍ୱର ବେହେରା କହିଛନ୍ତି, ନିର୍ଦ୍ଦେଶନାମା ଆସିବାକୁ ଇତିମଧ୍ୟରେ ୮୨ ଦିନ ବିତିଛି । ଜିଲା ପ୍ରଶାସନ ପକ୍ଷରୁ ଏନେଇ କୌଣସି ସକରାତ୍ମକ କାର୍ଯ୍ୟ ଲୋକଲୋଚନକୁ ଆସିନାହିଁ । ଅର୍ବାନ ପିଏଚ୍‌ସିରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଏବେବି ସହରବାସୀଙ୍କ ପାଇଁ ଅପହଞ୍ଚ ହୋଇଛି । ପୂର୍ବରୁ କଂଗ୍ରେସ ପକ୍ଷରୁ ମାଟି ପାଇଁ ପାର୍ଟି ମୋର ଓ ମାଟି ପାଇଁ ମାଡ଼ି ଚାଲ ଆନ୍ଦୋଳନ ହୋଇଥିଲା । ଏହାସତ୍ତ୍ୱେ ମେଡିକାଲ କଲେଜ ସ୍ଥାପନ ଓ ୟୁପିଏଚ୍‌ସିକୁ ଉପଯୋଗୀ କରିବା ସମ୍ଭବ ହୋଇନାହିଁ । ଆସନ୍ତା ୧୮ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ସେ ମତ ଦେଇଛନ୍ତି । ସ୍ମାରକ ପତ୍ର ପ୍ରଦାନ ସମୟରେ ନଗର ସଭାପତି ରାକେଶ ମହାନ୍ତି, ପୂର୍ବତନ ସଭାପତି ସୌମେନ୍ଦ୍ର ପୃଷ୍ଟି, ପରଭେଜ ଅକ୍ତର, ମୀର ମୁର୍ସଦ ପ୍ରମୁଖ ସାମିଲ ହୋଇଥିଲେ ।

### ରାଜନଗର ପ୍ରାଥମିକ କୃଷି ସମବାୟ ସମିତିରେ ସେବା ସମବାୟ ସପ୍ତାହ

ରାଜନଗର, ୧୫।୧୧ (ଭାସ୍କର ରାଉତରାୟ)

ରାଜନଗର ପ୍ରାଥମିକ କୃଷି ସେବା ସମବାୟ ସମିତିରେ ୭୦ତମ ସମବାୟ ସପ୍ତାହ ମଙ୍ଗଳବାର ପାଳନ କରାଯାଇଛି। ସମବାୟ ସମିତିର ସଭାପତି ଦଧିବାମନ ଭୂୟାଁ ପତାକା ଉତ୍ତୋଳନ କରିବା ସହ ଗ୍ରାମୀଣ ଅର୍ଥନୀତି ବିକାଶରେ ସମବାୟ ଅନୁଷ୍ଠାନର ସକ୍ରିୟ ଅଂଶଗ୍ରହଣ, ସମବାୟ ମାଧ୍ୟମରେ ଚାଷୀ, ବୁଣାକାର, ଦୁଗ୍ଧ ଉତ୍ପାଦନକାରୀ, ମତ୍ସ୍ୟଜୀବୀ, ମହିଳା ଏବଂ ଜନଜାତି ସମୂହଙ୍କ ନିରନ୍ତର ଆୟବୃଦ୍ଧିରେ ସହାୟକ, ଚାଷୀମାନଙ୍କୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ, ଧାନ ସଂଗ୍ରହ କାର୍ଯ୍ୟକ୍ରମରେ ସମବାୟ ସମିତି ଦ୍ୱାରା ୯୦ ପ୍ରତିଶତ ଧାନ କ୍ରୟ ହୋଇପାରୁଛି ବୋଲି କହିଥିଲେ।

# ଅଳଭା-ଗଣ୍ଡାକିଆ ଲକ୍ ଖୋଲିଲେ ପର୍ଯ୍ୟଟନ ଶିଳ୍ପର ବିକାଶ ହେବ

ପଟ୍ଟାମୁଣ୍ଡାଇ, ୧୫।୧୧ (କଳ୍ପତରୁ ନାୟକ)

**ଉତିକଣ ଅଞ୍ଚଳର ଲକ୍ଷାଧିକ ଚାଷୀ ହେବେ ଉପକୃତ**

**କେନାଲରେ ବୋଟିଂ କରାଯାଇପାରିବ**

କେନ୍ଦ୍ରାପଡ଼ା ଜିଲାର ପଟ୍ଟାମୁଣ୍ଡାଇ ବ୍ଲକ ଅଳଭା-ଗଣ୍ଡାକିଆ ଲକ୍ ଖୋଲାଗଲେ ପର୍ଯ୍ୟଟନ ଶିଳ୍ପର ବିକାଶ ସହ ଉତିକଣ ଅଞ୍ଚଳର ଲକ୍ଷାଧିକ ଚାଷୀ ଉପକୃତ ହୋଇପାରିବେ। ଜିଲାରେ ଜଳସେଚନ ଓ ବାଣିଜ୍ୟ କ୍ଷେତ୍ରର ଏକମାତ୍ର ବିକଳ୍ପ ରାଜ୍ୟର ସର୍ବପୁରାତନ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲକୁ ଲାଗିଥିବା ଗୋବରୀ ସମ୍ପ୍ରସାରିତ କେନାଲ ଏବେ ବିପଦରେ । ଏହି କେନାଲ ଉପରେ ଆମଦାନୀ ରପ୍ତାନି, ପରିବହନ ଓ ଆର୍ଥିକ ସ୍ଥିତି ନିର୍ଭର କରୁଥିଲା । ଉତିକଣ ଅଞ୍ଚଳ ଜଳସେଚିତ ହେଉଥିଲା । ଏବେ ଏହି କେନାଲ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। କିଛିଦିନ ହେଲା କଟକ-ତାଳଦଣ୍ଡା କେନାଲର କଳେବର ପରିବର୍ତ୍ତନ ଭଳି ଏହାର ପୁନରୁଦ୍ଧାର କରାଯାଇ ପୂର୍ବ ପରି ଗୋବରୀରୁ ବ୍ରାହ୍ମଣୀରେ ମିଶିଲେ ପର୍ଯ୍ୟଟନସ୍ଥଳର ବିକାଶ ହେବ ବୋଲି ଉତିକଣ ଅଞ୍ଚଳର ବୁଦ୍ଧିଜୀବୀ, କୃଷକ, ପୁରୁଖା ଲୋକ ମତ ପ୍ରକାଶ କରିଛନ୍ତି।

ସାମାଜିକ କର୍ମୀ ପ୍ରଫୁଲ୍ଲ ଦାଶ କହିଛନ୍ତି, ୧୮୬୬ ନଅଙ୍କ ଦୁର୍ଭିକ୍ଷ ପରେ ପଟ୍ଟାମୁଣ୍ଡାଇ କେନାଲର ପରିକଳ୍ପନା କରାଯାଇଥିଲା । କଟକର ଜଗତ୍‌ପୁର ବ୍ୟାରେଜରୁ ପଟ୍ଟାମୁଣ୍ଡାଇ ପର୍ଯ୍ୟନ୍ତ ଦୀର୍ଘ ୮୦କି.ମି. ଏହି କେନାଲ ପରିବ୍ୟାପ୍ତ । ପଟ୍ଟାମୁଣ୍ଡାଇ କେନାଲ ସହ ସଂଯୋଗ ହୋଇଥିଲା ଗୋବରୀ ସମ୍ପ୍ରସାରିତ କେନାଲ। ଏହି ଗୋବରୀ ସମ୍ପ୍ରସାରିତ କେନାଲ ପାଖାପାଖି ୩୨ ମିଟର ଚଉଡ଼ା, ସାଢ଼େ ୯ କି.ମି. ଲମ୍ବ। ଏହି କେନାଲ ଅଳଭା ଲକ୍ ଦେଇ ବାହ୍ମଣୀ ସହ ସଂଯୋଗ କରିଥିବା ବେଳେ ଗଣ୍ଡାକିଆଠାରେ ଗୋବରୀ ସହ ମିଶିଥିଲା। କେବଳ ଏହା ଜଳସେଚନର ମୂଳଧାରା ନ ଥିଲା, ଏହି



କେନାଲ ଲୋକଙ୍କ ଜୀବନ ଜୀବିକାର ମୁଖ୍ୟ ଧାରା ପାଲଟିଥିଲା। ଗମନାଗମନ ପାଇଁ ଏହା ଥିଲା ସେତେବେଳେ ବଳିଷ୍ଠ ମାଧ୍ୟମ। ତାହା ସହ ଏହି କେନାଲ ନୌବାଣିଜ୍ୟ କାର୍ଯ୍ୟରେ ଲାଗୁଥିଲା, ଯାହାକି ଓଡ଼ିଶାର ଅର୍ଥନୀତିକୁ ସୁଦୃଢ଼ କରିଥିଲା। ସ୍ଥଳପଥରେ ଏସବୁ କାରବାର ଓ ଯାତାୟାତ ଆରମ୍ଭ ହେବା ପରେ ଏହି କେନାଲକୁ ୨୦୧୮ରେ ଦୁଇପାର୍ଶ୍ୱ ପୋତି ଚଉଡ଼ା ୧୨ ମିଟର କରିଦିଆଗଲା। ପରେ ଅଳଭା, ଗଣ୍ଡାକିଆ ଲକ୍‌କୁ ମଧ୍ୟ ପୋତିଦିଆଗଲା। ସେବେଠାରୁ ଏପର୍ଯ୍ୟନ୍ତ ଗୋବରୀ କେନାଲ ଏକଫସଲୀ ଚାଷ ପାଇଁ ଜଳସେଚନର ମାଧ୍ୟମ ପାଲଟିଛି। ଏହି କେନାଲରେ ରହିଛି ୩୦ରୁ ଅଧିକ ଉପ ଶାଖା କେନାଲ। ହେଲେ କେନାଲ ଏବେ ତାହାର ଅସ୍ତିତ୍ୱ ହରାଇବାକୁ ବସିଛି। ପୂର୍ବତନ ବିଧାୟକ ତାପସ ଦାସ କହିଛନ୍ତି, ବିଜୁବାବୁ ଏ ମାଟିକୁ ବହୁ ଶ୍ରଦ୍ଧା ଓ ସମ୍ମାନ କରୁଥିଲେ। ତାଙ୍କର ବହୁ ଅଧୁରା ସ୍ୱପ୍ନ ଏବେବି ସାକାର ନ ହୋଇ ରହିଯାଇଛି। ବିଜୁବାବୁଙ୍କ ଘନିଷ୍ଠ ସହଯୋଗୀ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ପ୍ରହଲ୍ଲାଦ ମଲ୍ଲିକ ଜଳ ସମ୍ପଦ ମନ୍ତ୍ରୀ ଥିବାବେଳେ ଗୋବରୀ ସମ୍ପ୍ରସାରିତ କେନାଲର ଅଳଭା ଓ ଗଣ୍ଡାକିଆ ଲକ୍‌କୁ କାର୍ଯ୍ୟକାରୀ କରିବା ଲାଗି ବ୍ରାହ୍ମଣୀ ନଦୀ ସହ ଗୋବରୀ ନଦୀର ସଂଯୋଗୀକରଣ କରାଗଲେ ଉତିକଣ ଚାଷଜମିକୁ ୧୨ ମାସ ପାଣି ଯୋଗାଯାଇପାରିବ। ଏଥିସହ ପର୍ଯ୍ୟଟନସ୍ଥଳ ଭୂସ୍ୱର୍ଗ କଶ୍ମୀରର ଡାଲ୍ ହ୍ରଦ ଭଳି ଏହାର ଦୁଇପାର୍ଶ୍ୱ ବନ୍ଧ ରାସ୍ତାକୁ ପଥର ପ୍ୟାକିଂ କରି ସୁଦୃଢ଼ ଓ ମନୋରମ କରିବାକୁ ପ୍ରସ୍ତାବ ରଖିଥିଲେ। ଏ ନେଇ ଜଳ ସମ୍ପଦ ବିଭାଗ ଅଳଭା-୧ରେ ଜଣେ କନିଷ୍ଠଯନ୍ତ୍ରୀଙ୍କୁ ଅବସ୍ଥାପିତ କରାଯାଇଥିଲା। ମାତ୍ର ଯୋଜନା କଟକର ତାଳଦଣ୍ଡା କେନାଲର ଉଦ୍ଦିଷ୍ଟ ହୋଇ କଳେବର ହୋଇଛି। ତାଳଦଣ୍ଡା କେନାଲ ନୂଆ ରୂପ ପାଇବା ପରେ ସମସ୍ତଙ୍କ ପାଇଁ ଏକ ନିଆରା ସୁଯୋଗ ସୃଷ୍ଟି ହୋଇଛି। ରଙ୍ଗିନ ଲାଇଟ୍‌ରେ ସଜେଇ ନୌକାବିହାର କରାଯାଉଛି। ସେହିଭଳି ଗୋବରୀ ସମ୍ପ୍ରସାରିତ କେନାଲର ମଧ୍ୟସ୍ଥଳକୁ ଚଉଡ଼ା କରାଯାଇ ଉଭୟ ପାର୍ଶ୍ୱରେ ରଙ୍ଗବେରଙ୍ଗର ଆଲୋକସଜ୍ଜା କରାଗଲେ ଭିତରକନିକା ଅଭୟାରଣ୍ୟକୁ ଆସୁଥିବା ପର୍ଯ୍ୟଟକଙ୍କୁ ଏହା ବର୍ଷ ସାରା ଆକର୍ଷିତ କରିପାରିବ। ସେହିପରି ବୁଦ୍ଧିଜୀବୀ ପ୍ରବୀର ନାୟକ କହିଛନ୍ତି, ପଟ୍ଟାମୁଣ୍ଡାଇ ଗୋବରୀ ସମ୍ପ୍ରସାରିତ କେନାଲକୁ ପୂର୍ବପରି ବ୍ରାହ୍ମଣୀ ସହ ସଂଯୋଗ କରାଗଲେ ଉତିକଣ ଅଞ୍ଚଳର ଏକର ଏକର ଚାଷଜମି ବର୍ଷସାରା ଶସ୍ୟଶ୍ୟାମଳା ହୋଇପାରିବ। ଅନ୍ୟପକ୍ଷରେ ଗୋବରୀ କେନାଲର ଉଭୟପାର୍ଶ୍ୱ ବନ୍ଧରେ ଫୁଲ ଗଛ ଲଗାଯିବା ସହ ପାର୍କ ନିର୍ମାଣ କରାଗଲେ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିବ। ଏହା ଜାତୀୟ ଉଦ୍ୟାନ ଭିତରକନିକା ମାର୍ଗରେ ଥିବାରୁ ଏହା ବିଶ୍ୱବାସୀଙ୍କୁ ଆକର୍ଷିତ କରିବ। ନୌକା ବିହାରର ମଜା ମଧ୍ୟ ପର୍ଯ୍ୟଟକମାନେ ନେଇପାରିବେ। ଏହି ମନୋରମ ପରିବେଶକୁ ପର୍ଯ୍ୟଟକ ବାରମ୍ବାର ଆସିବାକୁ ଇଚ୍ଛା ପ୍ରକାଶ କରିବେ। ଏହାଦ୍ୱାରା ପର୍ଯ୍ୟଟନ ଶିଳ୍ପର ବିକାଶ ହେବା ସଙ୍ଗେ ସଙ୍ଗେ ଲୋକମାନଙ୍କର ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧି ପାଇବ।

# ପ୍ରତ୍ୟେକ ପିଲା ସୂର୍ଯ୍ୟମୁଖୀ ଫୁଲ ସଦୃଶ

**ଗହଗା ନରସିଂହପୁର ପ୍ରାଥମିକ ବିଦ୍ୟାଳୟରେ ଶିଶୁ ଉତ୍ସବ**

ଡେରାବିଶ, ୧୫।୧୧ (ବେବର୍ତ୍ତା ଅଜୟ ଦାସ)

ପବିତ୍ର ଶିଶୁ ଦିବସ ଅବସରରେ ଡେରାବିଶ ବ୍ଲକ ଅଧୀନ ଦାନପୁର ପଞ୍ଚାୟତ ଗହଗା ନରସିଂହପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିଶୁ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଡା. ନିରଞ୍ଜନ ପରିଡ଼ା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଡେରାବିଶ ବିଡିଓ ଦାଶରଥି ଜେନା ଯୋଗଦେଇ ପ୍ରତ୍ୟେକ ପିଲା ସୂର୍ଯ୍ୟମୁଖୀ ଫୁଲ ଭଳି ନିଜକୁ ତିଆରି କରିବା ଦରକାର ବୋଲି ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଜେନା କହିଥିଲେ, ସୂର୍ଯ୍ୟମୁଖୀ ଫୁଲ ଯେପରି ସୂର୍ଯ୍ୟଙ୍କ ଆଡ଼କୁ ସଦାସର୍ବଦା ଅନାଇ ରହିଥାଏ ଏବଂ ଏହି ଫୁଲର ଆଦର୍ଶ ଭଳି ଭବିଷ୍ୟତରେ ନିଜକୁ ଜଣେ ଆଦର୍ଶବାନ ବ୍ୟକ୍ତି ଭାବେ ଗଢ଼ି ତୋଳିବା ଦରକାର। ମୁଖ୍ୟବକ୍ତା ଭାବେ ପ୍ରାଧାପକ ରଘୁନାଥ ପଣ୍ଡା ଯୋଗଦେଇ ପ୍ରତ୍ୟେକ ଛାତ୍ରୀଛାତ୍ର ପିଲାଦିନରୁ ନିଜ ଭିତରେ ଥିବା ପ୍ରତିଭାକୁ ବିକଶିତ କରିବା ଅବାଶ୍ୟକ। ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଅତିରିକ୍ତ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ପୂର୍ବତନ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ନରହରି ସୂତାର, ସରପଞ୍ଚ ମାନସୀ ତ୍ରିପାଠୀ ଯୋଗଦେଇ ଶିଶୁ ଦିବସ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜେନାମଣି ବଳ ଅତିଥି ପରିଚୟ ଓ ପ୍ରଧାନ ଶିକ୍ଷୟିତ୍ରୀ କୁନା କୁମାରୀ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ନୃତ୍ୟ ଗୀତ ସମସ୍ତଙ୍କୁ ଆକୃଷ୍ଟ କରିଥିଲା। କାର୍ଯ୍ୟକ୍ରମକୁ ସିଆରସିସି ପ୍ରଶାନ୍ତ ମଣ୍ଡଳ, ବରିଷ୍ଠ ଶିକ୍ଷକ ସଞ୍ଜୟ କୁମାର ଦ୍ୱିବେଦୀ ପ୍ରମୁଖ ପରିଚାଳନା କରିଥିଲେ।



ଶିଶୁ ଉତ୍ସବରେ ଯୋଗଦେଇଥିବା ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀମାନେ।

## ଆମ ଆଦମୀ ପାର୍ଟିର ପ୍ରଶିକ୍ଷଣ ଶିବିର

- ସରକାର ଗଢ଼ିଲେ ମାଗଣାରେ ବିଦ୍ୟୁତ୍ ସେବା
- ପାଟକୁରାର ଅଧିକ ବିକାଶ ହେବ

ପାଟକୁରା, ୧୫।୧୧ (ରବୀନ୍ଦ୍ର ନାଥ ବାରିକ)

ଆମ ଆଦମୀ ପାର୍ଟି ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଗରଦପୁର ବ୍ଲକ ମାହାଲଠାରେ ଥିବା ବାବା ମଣ୍ଡପଠାରେ ଆୟୋଜିତ ଏହି ଶିବିରରେ ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀ ନେତା ତଥା ରାଜ୍ୟ ନିର୍ମାଣ ଶ୍ରମିକ ସଙ୍ଗଠନର ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଯୋଗଦେଇ ଦୀର୍ଘ ବର୍ଷ ଧରି ରାଜ୍ୟରେ ଚାଲିଥିବା ବିଜେଡି ସରକାରଙ୍କୁ ସମାଲୋଚନା କରିଥିଲେ। ଆମ୍ ଆଦ୍‌ମୀ ପାର୍ଟି ସରକାରକୁ ଆସିଲେ ମାଗଣାରେ ବିଦ୍ୟୁତ୍ ସହ ସ୍ୱାସ୍ଥ୍ୟ, ଶିକ୍ଷା ଓ ପାନୀୟଜଳ ଯୋଗାଇ ଦେବ ବୋଲି କହିଥିଲେ। ଏହି ଶିବିରରେ ପାର୍ଟିର ଜିଲା ସଭାପତି ସନ୍ଦିପ କୁମାର ଦାସ, ପାଟକୁରା ପ୍ରଭାରୀ କୁମୁଦ ରାଉତ, ଜିଲା ଉପସଭାପତି ଅପୂର୍ବ କୁମାର ସେଠୀ, ସମ୍ପାଦକ ସୂର୍ଯ୍ୟକାନ୍ତ ପରିଡ଼ା, ଅବଦୁଲ ଜାହିର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଶିବିରକୁ ଗରଦପୁର ବ୍ଲକ ନିର୍ମାଣ ଶ୍ରମିକ ସଂଘର ସଭାପତି ନିତ୍ୟାନନ୍ଦ ସାମଲ ଓ ସମ୍ପାଦକ ପ୍ରଦୀପ କୁମାର ସାମଲ ପରିଚାଳନା କରିଥିଲେ। ବିଭିନ୍ନ ରାଜନୈତିକ ଦଳର କର୍ମୀ ଆପ୍‌ରେ ଯୋଗଦେଇଥିଲେ।

# ଫାଟିଲା ଗ୍ୟାସ୍ ସିଲିଣ୍ଡର, ଜଳିଗଲା ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ



**ବରାଡ଼ିଆ ଲଞ୍ଚ ଘାଟ ନିର୍ମାଣ ସ୍ଥଳରେ ଅଗ୍ନିକାଣ୍ଡ**

ରାଜକନିକା, ୧୫।୧୧ (ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅନ୍ତର୍ଗତ ବରାଡିଆ ଲଞ୍ଚଘାଟ ନିର୍ମାଣସ୍ଥଳରେ ଭୟାବହ ଅଗ୍ନିକାଣ୍ଡ ଘଟିଛି । ସେଠାରେ ଥିବା ଏକ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଓ ଅକ୍ସିଜେନ୍ ସିଲିଣ୍ଡର ନିଆଁର ପ୍ରକୋପରେ ଫାଟିଯିବାରୁ ଆତଙ୍କ ସୃଷ୍ଟି ହୋଇଥିଲା । ବୁଧବାର ସନ୍ଧ୍ୟାରେ ଏହି ଘଟଣା ଘଟିଥିଲା । ବରାଡିଆ ପଞ୍ଚାୟତ ବରାଡିଆ ଗ୍ରାମସ୍ଥିତ ବୈତରଣୀ ନଦୀକୂଳରେ ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ବିଭାଗ ପକ୍ଷରୁ ନିର୍ମାଣଧୀନ ଲଞ୍ଚଘାଟ ଜେଟିରେ କୌଣସି କାରଣରୁ ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ନଦୀକୂଳ ହୋଇଥିବା ଯୋଗୁ ପବନର ପ୍ରଭାବରେ ନିଆଁ ଜଳୁଥିବା ଦେଖି ବରାଡିଆ ଗାଁ ଲୋକେ ସ୍ତବ୍ଧ ହୋଇଯାଇଥିଲେ । ୨ ସିଲିଣ୍ଡରର ବିସ୍ଫୋରଣ ଏତେ ଭୟାନକ ଥିଲା ଯେ ଆଖପାଖ ଗାଁ କିଛି ସମୟ ପାଇଁ ଥରି ଉଠିଥିଲା । ଏହି ଅଗ୍ନିକାଣ୍ଡରେ ଟେଣ୍ଟ ଭିତରେ ଥିବା ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଜଳି ଯାଇଛି। ଖବର ପାଇ ରାଜକନିକା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଅଗ୍ନିକାଣ୍ଡ ସମୟରେ ଟେଣ୍ଟ ଭିତରେ କୌଣସି ଶ୍ରମିକ ନ ଥିବା ସୂଚନା ମିଳିଛି ।

# ହଂସୁଆ କଳା ପ୍ରତିଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ

ରାଜନଗର, ୧୫।୧୧ (ଭାସ୍କର ରାଉତରାୟ)

ପବିତ୍ର କାଳୀପୂଜା ଅବସରରେ ରାଜନଗରର ଅନ୍ୟତମ କଳା ଅନୁଷ୍ଠାନ ହଂସୁଆ କଳା ପ୍ରତିଷ୍ଠାନ ପକ୍ଷରୁ ରାଜନଗର ବ୍ଲକ ବାର୍ହାପୁର ଓ ତନ୍ତିଆପାଳଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସାଂସ୍କୃତିକ ଉତ୍ସବରେ ଓଡିଶୀ, ସମ୍ବଲପୁରୀ ଆଦି ନୃତ୍ୟ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦେବେନ୍ଦ୍ର ତରାଇ, ସଲୋନୀ ଘଡାଇ, ଅର୍ପିତା ପ୍ରଧାନ, ଲକ୍ଷ୍ମୀପ୍ରିୟା ଦାସ, ଅଲିଭା ବିଶ୍ୱାଳ, ଶୁଭଦର୍ଶିନୀ ପାଢୀ, ବିଷ୍ଣୁପ୍ରିୟା ଜେନା, ରତ୍ନାକର ସାହୁ, କାଙ୍ଗାଳି ଦାସ, ଶଶଧର ଗିରି, ଦଇତାରି ବରାଳ, କଳ୍ପତରୁ ଖଣ୍ଡୁଆଳ, ଜଗନ୍ନାଥ ମଲିକ, ବିଶ୍ୱଜିତ କୁଣ୍ଡ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଶତ୍ରୁଘନ ତରାଇ ଉପସ୍ଥିତ ରହି କଳାକାରମାନଙ୍କୁ ଉତ୍ସାହିତ କରିଥିଲେ।



ହଂସୁଆ କଳା ପ୍ରତିଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

## ଅଗ୍ନିକାଣ୍ଡରେ ୩ ବଖରା ଜଳିଗଲା

ପଟ୍ଟାମୁଣ୍ଡାଇ, ୧୫।୧୧ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ସିଂହଗାଁ ପଞ୍ଚାୟତ ପାଣିସାଉଁଳିଆ ଗାଁରେ ଅଗ୍ନିକାଣ୍ଡରେ ସୁରେନ୍ଦ୍ର ମଲିକଙ୍କ ୩ ବଖରା ପୋଡିଯାଇଛି। ମଙ୍ଗଳବାର ରାତି ପ୍ରାୟ ସାଢେ ୮ଟାରେ ଘରେ ନିଆଁ ଲାଗି ଯାଇଥିଲା। ଫଳରେ ଘରର ସମସ୍ତ ଆସବାବପତ୍ର ସହ ଧାନ, ଚାଉଳ ଆଦି ପୋଡି ନଷ୍ଟ ହୋଇଯାଇଛି। ନିଆଁ ଲାଗିବା କ୍ଷଣି ଗ୍ରାମବାସୀ ନଳକୂପ ଓ କାଣୀ ନଦୀରୁ ପାଣି ସଂଗ୍ରହ କରି ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିଲେ। ଖବର ପାଇ ପଟ୍ଟାମୁଣ୍ଡାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ସୁରେନ୍ଦ୍ର ଓ ତାଙ୍କ ୨ ଭାଇ ଗରିବ ଶ୍ରେଣୀର ହୋଇଥିବା ବେଳେ ଚାଷବାସ କାମ କରି ପରିବାର ଚଳାଉ ଥିଲେ। ବିପନ୍ନ ପରିବାରକୁ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ଡେରାବିଶରେ ୭୦ତମ ସମବାୟ ଦିବସ

ଡେରାବିଶ, ୧୫।୧୧ (ବେବର୍ତ୍ତା ଅଜୟ ଦାସ)

